# ବାଲେଶ୍ୱରରେ ଧର୍ମେନ୍ଦ୍ରଙ୍କ ରୋଡ୍ ଶୋ

■ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ

■ ହାତଯୋଡ଼ି ଜନସମର୍ଥନ ଲୋଡ଼ିଲେ

**ବାଲେଶ୍ୱର ଅଫିସ, ୨୫।୪**

ବାଲେଶ୍ୱର ସହରରେ ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରୋଡ ଶୋ' କରି ଭୋଟ ପାଇଁ ନିବେଦନ କରିଛନ୍ତି। ସେ ପୂର୍ବାହ୍ନ ୯ଟାରେ ପ୍ରଥମେ ସିନେମା ଛକସ୍ଥିତ ଶହୀଦ ପାର୍କରେ ପହଞ୍ଚିଥିଲେ। ସେଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସେ ପୁଷ୍ପମାଲ୍ୟ ଅର୍ପଣ କରି ଭାଜପା ପକ୍ଷରୁ ଆୟୋଜିତ ରୋଡ଼ ଶୋ'ରେ ଯୋଗଦେଇଥିଲେ। ତାଙ୍କୁ ସମର୍ଥନ ଜଣାଇବା ପାଇଁ ଭାଜପାର ହଜାର ହଜାର କର୍ମୀ ଓ ନେତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ସଦର ବିଧାୟକ ପ୍ରାର୍ଥୀ ମଦନମୋହନ ଦତ୍ତ ଏବଂ ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ଏକ ସୁସଜ୍ଜିତ ଗାଡ଼ିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସହ ନଗର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରା ବାରବାଟୀଠାରେ ଶେଷ ହୋଇଥିଲା। ବାରବାଟୀଠାରେ ଥିବା ଶହୀଦ ବାଘାଯତୀନଙ୍କ ପ୍ରତିମୂର୍ତ୍ତିରେ କେନ୍ଦ୍ରମନ୍ତ୍ରୀ ମାଲ୍ୟାର୍ପଣ କରିଥିଲେ। ଭାରତ ମାତା କି ଜୟ, ବନ୍ଦେ ମାତରମ୍ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। କେନ୍ଦ୍ରରେ ଓ ରାଜ୍ୟରେ ମୋଦିଜୀଙ୍କର ଡବଲ ଇଞ୍ଜିନ ସରକାର ହେବା ସହ ଓଡିଶାରୁ ୧୯ ବର୍ଷର ବିଜେଡି ସରକାର ସୁନିଶ୍ଚିତ ହଟିବ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ। ଜିଲା ଉପସଭାପତି ପର୍ଶୁରାମ ବେହେରା, ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ପଣ୍ଡା, ରବିନାରାୟଣ ମହାପାତ୍ର, ଶୁଭଙ୍କର ମହାପାତ୍ର, ଗୌରାଙ୍ଗ ଦାସ, ବିଭୁପଦ ଦାସ, ବିକାଶ ପାଢ଼ୀ, ସୁଜିତ ଦେବ, ଧୀରଜ ମହାନ୍ତି, ବିବେକ ଦାସ, ନିତିନ ଦାସ, ମନ୍ମଥ ଦାସ, ମନୋଜ ଆଚାର୍ଯ୍ୟ, ମନୋଜ ପୋଦ୍ଦାର, ଯଶୋଧରା ଦାସ, ଲୋକନାଥ ଭୂୟାଁ, ପିଙ୍କି ପ୍ରଧାନ, ସଂଯୁକ୍ତା ମହାପାତ୍ର, ସସ୍ମିତା ଦାସ, ସସ୍ମିତା ଚାନ୍ଦ, ମଞ୍ଜୁ ପେରିୱାଲ, ଅନୁରାଗ ମିଶ୍ର, ଅରୁପ ଜେନା, ରଞ୍ଜିତ ପୃଷ୍ଟି, ରିତ ପ୍ରଧାନ, ବିସ୍ମିତ ଦାସ, ଦିଲ୍ଲୀପ ଦାସ, ପ୍ରକାଶ ବେହେରା, ସ୍ୱାଧୀନ ପଣ୍ଡାଙ୍କ ସହ ହଜାର ହଜାର ଲୋକ ଉପସ୍ଥିତ ଥିଲେ।


ରୋଡ୍ ଶୋ'ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୋଟ ପାଇଁ ନିବେଦନ କରୁଛନ୍ତି।

# ଭାଜପାର ବିଜୟ ସଙ୍କଳ୍ପ ସଭା

**ବାହାନଗା,୨୫।୪(ଡି.ଏନ.ଏ.):** ବାହାନଗା ବ୍ଲକ ଚିତ୍ତଳ ପଞ୍ଚାୟତର ପୋରାଡ଼ିଆ ଗ୍ରାମରେ ଥିବା ଏକ ଖେଳପଡ଼ିଆ ପରିସରରେ ଭାଜପାର ସୋର ନିର୍ବାଚନମଣ୍ଡଳୀସ୍ତରୀୟ ବିଜୟସଙ୍କଳ୍ପ ସଭା ଅନୁଷ୍ଠିତ ହୋଇଛି। ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନର ସରକାର ହେଲେ ଝିଅମାନେ ଯୁକ୍ତ ଦୁଇରେ ଭଲ ନମ୍ବର ରଖିଲେ ସେମାନଙ୍କୁ ଭାଜପା ସରକାର ଗୋଟାଏ ଲେଖାଏଁ ସ୍କୁଟି ପ୍ରଦାନ କରିବ ବୋଲି ପ୍ରକାଶ କରିଥିଲେ।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଚ୍ଛଲ୍ୟ କରି କହିଥିଲେ ଯେ, ନିଜେ ମୁଖ୍ୟମନ୍ତ୍ରୀ ଠିକ୍ ଭାବେ ଚାଲିପାରୁ ନ ଥିବା ବେଳେ ସେ କହୁଛନ୍ତି ମୋଦିଙ୍କୁ ଠେଲିଦେବେ। ତେବେ ସେ ନିଜେ ଠିକ୍ ଭାବେ ଚାଲନ୍ତୁ ଓ ମୋଦିଙ୍କୁ ଠେଲିବା ପାଇଁ ନିଜ ଦେହରେ ଶକ୍ତି ସଞ୍ଚାର କରନ୍ତୁ ବୋଲି ପ୍ରକାଶ କରିଥିଲେ। ସୋରରେ ବିଧାୟକ ଧଡ଼ାଙ୍କ ଦ୍ୱାରା ହେଉଥିବା ଦୁର୍ନୀତିର ଉଚିତ୍ ଜବାବ ଆସନ୍ତା ୨୯ତାରିଖରେ ଇଭିଏମ୍ ଦ୍ୱାରା ଦେବାକୁ ସଙ୍କଳ୍ପ କରାଇଥିଲେ। ସଭାରେ ଭଦ୍ରକ ଲୋକସଭାର ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଉପସ୍ଥିତ ଥିବା ବେଳେ ସୋର ବିଧାୟକ ପ୍ରାର୍ଥୀ ରାକେଶ ମଲିକ, ବାହାନଗା ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ମହାଳିକ, ଜୟନ୍ତ ସ୍ୱାଇଁ, ମାଧବ ଧଡ଼ା, ମନୀଷା ଚିନ୍ମୟୀ ବେହେରା, ସତ୍ୟନାରାୟଣ ଦାଶ, ମୃତ୍ୟୁଞ୍ଜୟ ଜେନା ଓ ଈଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଙ୍କଳ୍ପ ସଭାରେ ୩ହଜାରରୁ ଊର୍ଦ୍ଧ୍ୱ ମହିଳା, ଯୁବକର୍ମୀମାନେ ଯୋଗ ଦେଇଥିଲେ।

# ବାଲିଆପାଳରେ ବିଜେଡିର ରୋଡ ଶୋ

**ବାଲିଆପାଳ, ୨୫।୪(ଡି.ଏନ.ଏ./ସ୍ୱ.ପ୍ର.):** ବାଲିଆପାଳ ନେପୁରା ଛକରୁ ବିଜେଡି ପକ୍ଷରୁ ଗୁରୁବାର ରୋଡ ଶୋ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ବାଲିଆପାଳର ନେପୁରା ଛକଠାରୁ ଏହି ରାଲି ବାହାରି ଶ୍ରୀରାମପୁର, କୁମ୍ଭାରୀ, ନିଖିରା, ଜାମଳା, ଦେଭୋଗ, ଘଣ୍ଟୁଆ, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡାରେ ପହଞ୍ଚିଥିଲା। ଏହି ଅବସରରେ ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ଇଂ. ରବୀନ୍ଦ୍ର କୁମାର ଜେନା, ବସ୍ତା ବିଧାନସଭା ବିଧାୟକ ପ୍ରାର୍ଥୀ ନିତ୍ୟାନନ୍ଦ ସାହୁ, ବିଜେଡି ନେତ୍ରୀ ତଥା ସମାଜସେବୀ ସୁବାସିନୀ ଜେନା, ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା, ସାଂସଦ ପ୍ରତିନିଧି ଶଶଧର ପ୍ରଧାନ, ଜିଲା ସମ୍ପାଦକ ଅଜୟ କୁମାର ସାହୁ, ଦଳୀୟ ପର୍ଯ୍ୟବେକ୍ଷକ ଯାଦବେଶ ମିଶ୍ର, ପୂର୍ବତନ ଜିଲାପରିଷଦ ସଦସ୍ୟ ବଳରାମ ସାହୁ, ସଞ୍ଜୀବ ପାଢୀ, ୨୩ ନଂ ଜିଲାପରିଷଦ ସଦସ୍ୟା ପ୍ରତିନିଧି ଅଜୟ କୁମାର ପାତ୍ର, ରିଜୋନାଲ ମାର୍କେଟିଂସୋସାଇଟିର ସଭାପତି ଅଜୟ ସାମଲ, ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ଅଣ୍ଡିଆ, ବିଜେଡି ନେତା ବେଣୁଧର ଜେନା, ବିମଳ ସାହୁ, ଯୁବବିଜୁ ଜନତା ଦଳର ସଭାପତି ହାଡିବନ୍ଧୁ ରାଉତ ପ୍ରମୁଖ ଯୋଗ ଦେଇ ବିଜେଡି ସରକାର କଥାର ନୁହେଁ କାର୍ଯ୍ୟରେ ବିଶ୍ୱାସ କରେ। ସିନେ ଓ ଟିଭି ତାରକା ଏଲିନାଙ୍କୁ ଦେଖିବା ପାଇଁ ପ୍ରବଳ ଜନଗହଳି ହୋଇଥିଲା।


ବାଲିଆପାଳରେ ବିଜେଡିର ରୋଡ୍ ଶୋ।

# ବିଜେଡି ରୋଡ୍ ଶୋ'ରେ କୁନା ତ୍ରିପାଠୀ

**ତିହିଡ଼ି, ୨୫।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିହିଡ଼ି ବ୍ଲକର ୧୩ ପଞ୍ଚାୟତରେ ଗୁରୁବାର ବିଜେଡିର ରୋଡ୍‌ଶୋ ଓ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ରୋଡ୍‌ଶୋରେ ଚଳଚ୍ଚିତ୍ର ଅଭିନେତା କୁନା ତ୍ରିପାଠୀ ଯୋଗଦେଇ ପ୍ରଚାର କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ୧ ନମ୍ବର ରାଜ୍ୟ କରିଛନ୍ତି। ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରାଇଲେ ତାଙ୍କ ହାତମୁଠା ଟାଣ ହେବ ଏବଂ ସେ ଅଧିକ ବିକାଶମୂଳକ କାର୍ଯ୍ୟ କରିପାରିବେ ବୋଲି ଅଭିନେତା ତ୍ରିପାଠୀ କହିଥିଲେ।

ତିହିଡ଼ି ବ୍ଲକ ନୂଆନନ୍ଦ ପଞ୍ଚାୟତର ମା' କଣ୍ଟିମଙ୍ଗଳା ପୀଠରେ ଭଦ୍ରକ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଏବଂ ଧାମନଗର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ଦାସ ପୂଜାର୍ଚ୍ଚନା କରିଥିଲେ। ପରେ ସେଠାରୁ ବାଇକ୍ ଶୋଭାଯାତ୍ରା ବାହାରି ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଥିଲା। ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପର୍ଯ୍ୟବେକ୍ଷକ ତଥା ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କମଳାକାନ୍ତ ଭୋଇ, ବ୍ଲକ ଉପାଧ୍ୟକ୍ଷ ମାନସ ପାଠୀ, ବିଜେଡି ରାଜ୍ୟ ସମ୍ପାଦକ ଅଜୟ ନାୟକ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଦେବକୀ ଦାସ, ସରପଞ୍ଚ ପ୍ରଦୀପ ପଣ୍ଡା, ଶରତ ମଲିକ ଓ ଜିଲାପରିଷଦ ସଭ୍ୟ ଚିନ୍ତାମଣି ଦାସ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ପୁହାଣ, ହରେକୃଷ୍ଣ ଜେନା, ଆଦିତ୍ୟ ଜେନା, ଗଣେଶ ପ୍ରସାଦ ବିଶ୍ୱାଳ, ଯୁବନେତା ବିକ୍ରମ ଦାସ, ବିଶ୍ୱଜିତ୍ ବେହେରା, ବିଜୟ ସେଠୀ, ସୁଧନ୍ୱା ନାୟକ, ଦେବଦତ୍ତ ନାୟକ, ଉତ୍ତମ ମହାପାତ୍ର, ବିଜେଡି ଯୁବବାହିନୀ ସଭାପତି ଅମର ମଲିକ ଓ ଶୁଭ୍ରଜିତ ପାଳ, ହରିଶ୍ଚନ୍ଦ୍ର ମିଶ୍ର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।


ରୋଡ୍ ଶୋ'ରେ ଅଭିନେତା କୁନା ତ୍ରିପାଠୀ ବିଜେଡି ପାଇଁ ପ୍ରଚାର କରୁଛନ୍ତି।

## କଂଗ୍ରେସର ବାଇକ ରାଲି, ଜନସମାବେଶ

**ଖଇରା, ୨୫।୪(ଡି.ଏନ.ଏ.)**

ଖଇରା ବ୍ଲକରେ କଂଗ୍ରେସ ତରଫରୁ ଏକ ବାଇକ୍ ଶୋଭାଯାତ୍ରା ଗୁରୁବାର ପିସିସି ଉପସଭାପତି ତଥା ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧ହଜାରରୁ ଊର୍ଦ୍ଧ୍ୱ କର୍ମୀ ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କୁପାରୀଠାରୁ ପ୍ରଥମେ ଶୋଭାଯାତ୍ରା ବାହାରି ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଖଇରା କୋଚିଆକୋଇଲିଠାରେ ପହଞ୍ଚିଥିଲା। ଅପରାହ୍ନରେ ଏକ ନିର୍ବାଚନ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଭଦ୍ରକ ଲୋକସଭା ପ୍ରାର୍ଥୀନୀ ମଧୁମିତା ସେଠୀ, ଭଣ୍ଡାରୀପୋଖରୀ ପୂର୍ବତନ ବିଧାୟକ ଚିରଞ୍ଜିବି ସେଠୀଙ୍କ ସହିତ ରାଜ୍ୟ କଂଗ୍ରେସର ମୁଖପାତ୍ର ଓ ସିମୁଳିଆର ଯୁବନେତା ରବୀନ୍ଦ୍ର ଶତପଥି ଯୋଗଦେଇ କଂଗ୍ରେସ ସରକାର କ୍ଷମତାକୁ ଆସିଲେ କୃଷିଋଣ ଛାଡ଼, ଧାନର ଏମଏସପି ୨ହଜାର ୭ଶହ ଟଙ୍କା, ଗରିବ ପରିବାରକୁ ନ୍ୟାୟ ଯୋଜନାରେ ବାର୍ଷିକ ୭୨ହଜାର ଟଙ୍କା ପ୍ରଦାନ ସହିତ ଅନେକ ଜନହିତକର କାର୍ଯ୍ୟ ହାତକୁ ନେବ ବୋଲି ବୋଲି ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାୟାଧର ମହାପାତ୍ର, ଶରତ ଦାସ, ରାଜେନ୍ଦ୍ର ଜେନା, କମଳାକାନ୍ତ ବିଶ୍ୱାଳ, ଯୁଧିଷ୍ଠିର ନାୟକ, ବସନ୍ତ କୁମାର ପରିଡା, ବାବାଜୀ ମହାନ୍ତି, ନିରଞ୍ଜନ ପରିଡା, ପ୍ରଫୁଲ୍ଲ ସାହୁ ଓ କାର୍ତ୍ତିକ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଭାଜପା ଓ ବିଜେଡିର ବାଇକ୍ ରାଲି, କଂଗ୍ରେସର ରୋଡ୍ ଶୋ

**ଭଣ୍ଡାରିପୋଖରୀ, ୨୫।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଗୁରୁବାର ଭାଜପା ଓ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ବାଇକ୍ ରାଲି ଏବଂ କଂଗ୍ରେସ ପକ୍ଷରୁ ରୋଡ୍‌ଶୋ କରାଯାଇଛି। ଭାଜପା ପ୍ରାର୍ଥୀ ବଦ୍ରିନାରାୟଣ ଧଳ ବାଲିପୋଖରୀ ପଞ୍ଚାୟତର ଜଗନ୍ନାଥପ୍ରସାଦ, ମାନ୍ତପୁର, ବାଲିପୋଖରୀ, ପରମାନନ୍ଦପୁର, କୁମ୍ଭାରିଆ, କୋକୋରା, ଅଙ୍ଗାରଗଡିଆ ଗ୍ରାମରେ ବାଇକ୍ ରାଲି କରି ଭୋଟଭିକ୍ଷା କରିଥିଲେ। ପଞ୍ଚାୟତର ଅଧିକାଂଶ ଯୁବବର୍ଗ ବାଇକ୍ ରାଲିରେ ସାମିଲ ହୋଇଥିଲେ। ସେହିପରି ବିଜେଡି ପକ୍ଷରୁ ୨୨ ଓ ୨୪ ନମ୍ବର ଜୋନ୍‌ରେ ବାଇକ୍ ରାଲି କରାଯାଇଥିଲା। ୨୨ନମ୍ବର ଜୋନ୍‌ରେ ଦଳର ବ୍ଲକ ଉପସଭାପତି ଜଗନ୍ନାଥ ଭାରତୀ, ରଶ୍ମିତା ପାଢ଼ୀ, ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ଦେବେନ୍ଦ୍ର ସାହୁ ପ୍ରମୁଖ ବାଇକ୍ ରାଲିର ଆୟୋଜନ କରିଥିଲେ। ଏହି ପରିପ୍ରେକ୍ଷୀରେ ସାରୋ ଗ୍ରାମରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲଙ୍କ ସମେତ ଦଳୀୟ ନେତାମାନେ ଯୋଗଦେଇ ଦଳ ପ୍ରତି ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ରହିଥିବା କହିଥିଲେ। ଅନ୍ୟପକ୍ଷେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଦଳର ନେତା ସୁବ୍ରତ ଦାସ, ଉଦୟନାରାୟଣ ନନ୍ଦ, ରଜନୀକାନ୍ତ ଚନ୍ଦ, ଜିଲା ମହିଳା ସଭାନେତ୍ରୀ ସବିତା ଚନ୍ଦ, ଜୋନ୍ ସଭାପତି ପ୍ରଶାନ୍ତ ସାହୁ ପ୍ରମୁଖ ୨୨ ଓ ୨୩ ନମ୍ବର ଜୋନ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ରୋଡ୍‌ଶୋ କରି ପ୍ରଚାର କରିଥିଲେ।

# ୬ ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର

**ବାସୁଦେବପୁର, ୨୫।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଭାବେ ୬ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କଂଗ୍ରେସରୁ ଅଶୋକ କୁମାର ଦାସ, ଭାଜପାରୁ ମାଧବାନନ୍ଦ ମଲ୍ଲିକ, ବିଜେଡିରୁ ବିଷ୍ଣୁବ୍ରତ ରାଉତରାୟଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ବେଳେ ବିଏସ୍‌ପିରୁ ନିର୍ମଳ ମଲିକ, ତୃଣମୂଳ କଂଗ୍ରେସରୁ ନାଥ ବୈରାଗୀ ଦାସ ବେହେରା ଓ ସ୍ୱାଧୀନ ଭାବେ ସବିତାରାଣୀ ପାକଳ ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସ, ଭାଜପା ଓ ବିଜେଡି ପ୍ରାର୍ଥୀ ସେମାନଙ୍କ ଦଳର ଷ୍ଟାରକ୍ୟାମ୍ପେନର ଆଣି ସଭା ସମିତି, ରୋଡ୍‌ଶୋ କରି ଦଳୀୟ ପ୍ରଚାରକୁ ଅଧିକ ତ୍ୱରାନ୍ୱିତ କରୁଛନ୍ତି। ସେହିପରି ବିଏସ୍‌ପି, ତୃଣମୂଳ କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ଭୋଟରଙ୍କୁ ଭେଟି ନିଜ ସପକ୍ଷରେ ପ୍ରଚାର ଚଳାଇଛନ୍ତି। ଏହି ୬ ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର ଜୋର୍‌ଦାର ହୋଇଛି।

ବିଜେଡି ପ୍ରାର୍ଥୀ ବିଷ୍ଣୁବ୍ରତ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ପ୍ରଚାରର ମୁଖ୍ୟ ପ୍ରସଙ୍ଗ କରିଥିବା ବେଳେ ଭାଜପା ପ୍ରାର୍ଥୀ ମାଧବାନନ୍ଦ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ନେଇ ଭୋଟରଙ୍କ ପାଖକୁ ଯାଉଛନ୍ତି ବୋଲି କହିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଅଶୋକ ଦାସ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ସହିତ ବାସୁଦେବପୁରରେ ପରିବାରବାଦ୍ ରାଜନୀତିର ବିଲୋପକୁ ମୁଖ୍ୟ ମୁଦା କରି ନିର୍ବାଚନୀ ପ୍ରଚାର କରୁଥିବା ସେ କହିଛନ୍ତି। ବିଏସ୍‌ପି ପ୍ରାର୍ଥୀ ନିର୍ମଳ ନିଜର ସମର୍ଥକଙ୍କ ସହିତ ବାଇକ୍ ରାଲି କରି ବାସୁଦେବପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଛନ୍ତି। ସେହିପରି ପ୍ରଥମଥର କରି ତୃଣମୂଳ କଂଗ୍ରେସ ପ୍ରାର୍ଥୀ ହୋଇଥିବା ନାଥବୈରାଗୀ ଦାସ ବେହେରା ଘରକୁ ଘର ବୁଲି ଏବଂ ସହର ବଜାର ଓ ଛକ ସ୍ଥାନଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ମା' ମାଟି, ମଣିଷକୁ ସମ୍ମାନ ଓ ନ୍ୟାୟକୁ ମୁଖ୍ୟ ସ୍ଲୋଗାନ କରି ପ୍ରଚାର କରୁଛନ୍ତି। ରକ୍ତତୀର୍ଥ ଇରମକୁ ଜାତୀୟ ସ୍ମାରକୀର ଘୋଷଣା ଦାବିକୁ ମଧ୍ୟ ସେ ମୁଖ୍ୟ ପ୍ରସଙ୍ଗ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ସବିତାରାଣୀ ବାସୁଦେବପୁରରେ ଅନ୍ୟାୟ, ଦୁର୍ନୀତି, ସରକାରୀ କାର୍ଯ୍ୟରେ ପିସି କାରବାରକୁ ମୁଖ୍ୟ ପ୍ରସଙ୍ଗ ରଖି ଭୋଟରଙ୍କୁ ଭେଟୁଛନ୍ତି।

■ ବିଜେଡିର ମାରାଥନ୍ ପ୍ରଚାର

# ବାଇକ୍ ରାଲି ସହ ସଭାରେ ଭୋଟ୍ ଭିକ୍ଷା

**ବାଲେଶ୍ୱର ଅଫିସ, ୨୫।୪**

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅଧୀନ ଚାନ୍ଦିପୁର ପଞ୍ଚାୟତର ମିର୍ଜାପୁର ଏବଂ ଚାନ୍ଦିପୁର ପଞ୍ଚାୟତରେ ବିଜେଡି ପକ୍ଷରୁ ବାଇକ୍ ଶୋଭାଯାତ୍ରା ସହିତ ବିଭିନ୍ନ ସ୍ଥାନରେ ନିର୍ବାଚନ ସଭା ମାଧ୍ୟମରେ ଏମ୍‌ପି ପ୍ରାର୍ଥୀ ଇଂ. ରବୀନ୍ଦ୍ର କୁମାର ଜେନା ଏବଂ ସଦର ବିଧାୟକ ପ୍ରାର୍ଥୀ ଜୀବନ ପ୍ରଦୀପ ଦାଶ ମାରାଥନ୍ ପ୍ରଚାର କରିଛନ୍ତି।

ଗୁରୁବାର ପୂର୍ବାହ୍ନରେ ନୂଆନଇ ଘାଟରୁ ୫ହଜାରରୁ ଊର୍ଦ୍ଧ୍ୱ ବାଇକ୍‌ରେ କର୍ମୀ ଓ ନେତାମାନେ ରାଲି ଆରମ୍ଭ କରିଥିଲେ। ଏକ ସୁସଜ୍ଜିତ ଚାରିଚକିଆ ଯାନରେ ବରିଷ୍ଠ ନେତାମାନେ ଛିଡ଼ା ହୋଇ ଜନତାଙ୍କୁ ଅଭିନନ୍ଦନ ଜଣାଇବା ସହ ଚଳିତ ନିର୍ବାଚନରେ ଭୋଟ ଦେଇ ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ନିବେଦନ କରିଛନ୍ତି। ସ୍ଥାନେ ସ୍ଥାନେ ଆୟୋଜିତ ସଭାମଞ୍ଚରେ ଉପସ୍ଥିତ ରହି ୧୯ବର୍ଷର ଦୃଢ଼ ନେତୃତ୍ୱାଧିନ ବିଜେଡିର ଶାସନ କାଳରେ ହୋଇଥିବା ଜନକଲ୍ୟାଣ ଯୋଜନାକୁ ପ୍ରକାଶ କରିବା ସହ ୫ମ ଥର ପାଇଁ ଓଡ଼ିଶାରେ ବିଜେଡି ସରକାର ଗଠନ କରିବାର ଦମ୍ଭ ସହକାରେ ଭୋଟରମାନଙ୍କ ଆସ୍ଥା ଭାଜନ ହୋଇଛନ୍ତି। ସରକାର ଗଠନର ପ୍ରଥମ ଦିନରେ 'କାଳିଆ' ଯୋଜନାରେ ସମସ୍ତ ଚାଷୀମାନଙ୍କୁ ଟଙ୍କା ପ୍ରଦାନ କରାଯିବା ସହ ବାଲେଶ୍ୱର ଜିଲା ଭୋଗରାଇରେ ହେବାକୁ ଥିବା ସୁବର୍ଣ୍ଣରେଖା ବନ୍ଦର, ରିଂ ରୋଡ଼, ଇଡ୍‌କୋ ଟାୱାର ଓ ଅତ୍ୟାଧୁନିକ ପାର୍କ, ରାସ୍ତାଘାଟର ଉନ୍ନତିକରଣ, ଚାଷୀଙ୍କ ପାଇଁ ବାଙ୍କିତୀରା ନଦୀ ବନ୍ଧ ଯୋଜନା, ମେଡ଼ିକାଲ କଲେଜକୁ ଉନ୍ନତିକରଣ, ବେକାରୀ ଦୂରୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପାନୀୟଜଳ ଉପରେ ଗୁରୁତ୍ୱ ଦେବାକୁ ଏମ୍‌ପି ପ୍ରାର୍ଥୀ ଇଂ. ଜେନା ଏବଂ ବିଧାୟକ ପ୍ରାର୍ଥୀ ଜୀବନ ପ୍ରଦୀପ ବୈଠକରେ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି। ନିର୍ବାଚନୀ ସଭାରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ଅରୁଣ ଦେ, ଝିନ୍ନ ହିକ୍କା ଏବଂ ବରିଷ୍ଠ ନେତୃବର୍ଗ ବକ୍ତବ୍ୟ ରଖି ବିଜେଡିର ଉଭୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ଅନୁରୋଧ କରିଥିଲେ।


ବିଜେଡି ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ବାଇକ୍ ରାଲି ସହ ମାରାଥନ୍ ପ୍ରଚାର।

# ଔପଦାରେ କଂଗ୍ରେସର କର୍ମୀ ସମ୍ମିଳନୀ, ନବଜ୍ୟୋତିଙ୍କ ରୋଡ୍ ଶୋ

**ଔପଦା, ୨୫।୪(ଡି.ଏନ.ଏ.)**

ଦେଶକୁ ଶାସନ କରିବା ଲାଗି କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ବୋଲି ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ହାଇସ୍କୁଲ ପଡ଼ିଆରେ ଦଳ ତରଫରୁ ଆୟୋଜିତ କର୍ମୀ ସମ୍ମିଳନୀରେ କଂଗ୍ରେସ ଓ କମ୍ୟୁନିଷ୍ଟ ଦଳର ବରିଷ୍ଠ ନେତାମାନେ କହିଛନ୍ତି। ଗୁରୁବାର ପୂର୍ବାହ୍ନ ୧୧ଟାରେ କଂଗ୍ରେସର ସହସ୍ରାଧିକ କର୍ମୀ ଓ ସମର୍ଥକଙ୍କ ଏକ ମୋଟରସାଇକେଲ ରାଲି ବଡ଼ପୋଖରୀ ପଞ୍ଚାୟତରୁ ବାହାରିଥିଲା। ନୀଳଗିରି ବିଧାନସଭା ପ୍ରାର୍ଥିନୀ ରାଣୀ ମନୋଜମଞ୍ଜରୀ ଦେବୀ ଓ ବାଲେଶ୍ୱର ଲୋକ ସଭା ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଏକ ଖୋଲାଗାଡ଼ିରେ ବଡ଼ପୋଖରୀ, ଅଘିରାପଦା, ଗଡ଼ସାହି ଓ ତଳକିଆ ପଞ୍ଚାୟତ ତଥା ଔପଦା ବଜାର ପରିକ୍ରମା ଓ ରୋଡ଼ ଶୋ' କରି ଔପଦା ହାଇସ୍କୁଲ ପଡ଼ିଆରେ ଆୟୋଜିତ କର୍ମୀ ସମ୍ମିଳନୀ ସ୍ଥଳରେ ପହଞ୍ଚିଥିଲେ। ସେଠାରେ ବରିଷ୍ଠ କଂଗ୍ରେସ ନେତା ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମୀ ସମ୍ମିଳନୀରେ ବର୍ଷିଆନ କମ୍ୟୁନିଷ୍ଟ ନେତା କୈଳାସ ପଣ୍ଡା ଯୋଗଦେଇ ଭାଜପା ସରକାର ମିଛୁଆ ଓ ବିଜେଡି ସରକାର ଠକ ବୋଲି ଅଭିଯୋଗ କରି ଦେଶ ପାଇଁ ହାତର ଆବଶ୍ୟକତା ଅଛି ବୋଲି କହିଥିଲେ। ଅନ୍ୟତମ ବରିଷ୍ଠ କମ୍ୟୁନିଷ୍ଟ ନେତା ନିରଞ୍ଜନ ବାରିକ ଭାଜପା ଦେଶର ସମ୍ବିଧାନ ଓ ଐତିହ୍ୟ ପ୍ରତି ବିପଦ ବୋଲି ସମସ୍ତଙ୍କୁ ସତର୍କ କରାଇ କଂଗ୍ରେସକୁ ଭୋଟ ଦେବାକୁ ନିବେଦନ କରିଥିଲେ। ସେହିପରି ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ, ଚିତ୍ତରଞ୍ଜନ ଷଡ଼ଙ୍ଗୀ ଓ ଯୁଧିଷ୍ଠିର ଜେନା ଦେଶ ସ୍ୱାଧୀନ ହେବା ପରଠାରୁ ଅଦ୍ୟାବଧି କଂଗ୍ରେସ ଲୋକଙ୍କର ଦୁଃଖ ସୁଖର ସାଥି ହୋଇଆସିଛି। ଏହାବ୍ୟତୀତ ନୀଳଗିରିର ବିକାଶ କଂଗ୍ରେସ ସରକାର ସମୟରୁ ଆରମ୍ଭ ହୋଇଥିଲା, ଅନ୍ୟପକ୍ଷରେ ଭାଜପା, ବିଜେଡି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ବକ୍ତାମାନେ କହିଥିଲେ। ନୀଳଗିରି ବିଧାନସଭା ପ୍ରାର୍ଥିନୀ ରାଣୀ ମନୋଜମଞ୍ଜରୀ କହିଥିଲେ ଯେ, ସେ ସବୁବେଳେ ସମସ୍ତଙ୍କ ଦୁଃଖସୁଖରେ ଅଛନ୍ତି। ତାଙ୍କୁ ଭୋଟ ଦେଇ ବିଜୟୀ କରାଇଲେ ନୀଳଗିରିର ବିକାଶକୁ ସେ ଆଗେଇ ନେବେ। ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ସ୍ୱାଧୀନତା ସଂଗ୍ରାମୀ ବନମାଳୀ ଦାସ, କୈଳାସ ମହାନ୍ତି, ବଳିରାମ ରାଜ ପ୍ରମୁଖଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ମିଛୁଆ ଭାଜପା ଓ ଭଣ୍ଡ ବିଜେଡି କଥାରେ ପ୍ରଭାବିତ ନ ହୋଇ ହାତ ଚିହ୍ନରେ ଭୋଟ୍ ଦେଇ ଆମକୁ ଜିତାଇଲେ ଆମେ ନୀଳଗିରିର ବିକାଶ ରଥକୁ ଆଗକୁ ନେବୁ ବୋଲି କହିଥିଲେ। ବର୍ଷିୟାନ୍ କଂଗ୍ରେସ ନେତା ରାମଚନ୍ଦ୍ର ବେହେରା, ବ୍ଲକ କଂଗ୍ରେସ ଅଧ୍ୟକ୍ଷ ଗଦାଧର ପରିଡ଼ା ପ୍ରମୁଖ କଂଗ୍ରେସକୁ ଭୋଟ ଦେଇ ଜିତାଇବା ପାଇଁ ନିବେଦନ କରିଥିଲେ। ଯୁବନେତା ମୃତ୍ୟୁଞ୍ଜୟ ମୁଦୁଲି, ଉଦୟ ସ, ରାଧାଗୋବିନ୍ଦ ଧଡ଼ା, ସନାତନ ସେଠୀ, ଜଗବନ୍ଧୁ ରାଉତ, ମକରଧର ସେଠୀ, ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ବାଇକ୍ ରାଲିର ନେତୃତ୍ୱ ନେଇଥିଲେ। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ମୋହିତ ସିଂ ସଭାସ୍ଥଳରେ ଉପସ୍ଥିତ ଥିଲେ।


କଂଗ୍ରେସର କର୍ମୀ ସମ୍ମିଳନୀ




# 'କଳିଙ୍ଗ ଆଇସ୍ ଆଣ୍ଡ କୋଲ୍ଡ ଷ୍ଟୋରେଜ୍'ରୁ ଆମୋନିଆ ଗ୍ୟାସ ଲିକ୍

## ଲୋକେ ଉତ୍ତେଜିତ, ପଡ଼ିଲା ତାଲା

**ବାଲେଶ୍ୱର ଅଫିସ, ୨୫।୪**

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ 'କଳିଙ୍ଗ ଆଇସ୍ ଆଣ୍ଡ କୋଲ୍ଡ ଷ୍ଟୋରେଜ୍'ରେ ଗୁରୁବାର ପୂର୍ବାହ୍ନ ୯ଟା ୪୧ମିନିଟ୍‌ରେ ହଠାତ୍ ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିଲା। ସ୍ଥାନୀୟ ଅଞ୍ଚଳବାସୀ ଏଥିରେ ଭୟଭୀତ ହୋଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ଧରେନ୍ ସୋରେନ୍ ଏକ ଟିମ୍ ସହ ସେଠାରେ ପହଞ୍ଚି ଲିକ୍ ହୋଇଥିବା ଗ୍ୟାସ୍ ସିଲିଣ୍ଡରକୁ ବାହାରକୁ ଆଣି ଗ୍ୟାସ୍ ବନ୍ଦ କରିଥିଲେ। ଏହି ସମୟରେ ଲୋକେ ଉତ୍ତେଜିତ ହୋଇ ବେଆଇନ ଭାବେ ଶୀତଳଭଣ୍ଡାର ଏବଂ ଆଇସ୍ ଫ୍ୟାକ୍ଟ୍ରି ଚାଲିଥିବା ସମ୍ପର୍କରେ ଅଭିଯୋଗ କରିଥିଲେ। ଏହାର ସମାଧାନ ନ କଲେ ଜୀବନ ପ୍ରତି ବିପଦ ରହିଥିବା ଅଭିଯୋଗ କରି ଲୋକେ କିଛି ସମୟ ରାସ୍ତାରୋକୋ କରିଥିଲେ। ପରିସ୍ଥିତି ଜଟିଳ ହେବାରୁ


ଲିକେଜ୍ ହୋଇଥିବା ଆମୋନିଆ ଗ୍ୟାସ୍ ସିଲିଣ୍ଡରକୁ ଅଗ୍ନିଶମ କର୍ମଚାରୀ ଲିଭାଉଛନ୍ତି।

ଅଗ୍ନିଶମ ଅଧିକାରୀ ସୋରେନ ଶିଳ୍ପାଞ୍ଚଳ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଲୋକେ ଆନ୍ଦୋଳନରୁ ଓହରି ଥିଲେ।

ଏହି ସମୟରେ କଳିଙ୍ଗ ଆଇସ୍ ଆଣ୍ଡ କୋଲ୍ଡ ଷ୍ଟୋରେଜ୍ ମାଲିକ ଏବଂ ମ୍ୟାନେଜର ଅନୁପସ୍ଥିତ ଥିଲେ। ଅଗ୍ନିଶମ ଅଧିକାରୀ କାର୍ଯ୍ୟରତ ୫ଜଣ ଶ୍ରମିକଙ୍କ ଉପସ୍ଥିତିରେ ଅଫିସ୍ ତଦାରଖ କରିଥିଲେ। ଏଠାରେ ଫାୟାର ସେଫ୍‌ଟି ପାଇଁ କୌଣସି ବ୍ୟବସ୍ଥା ନ ଥିବାବେଳେ ପ୍ରଦୂଷଣ ବୋର୍ଡ଼ର ସାର୍ଟିଫିକେଟ୍ ଏବଂ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗର ସାର୍ଟିଫିକେଟ୍ ୨୦୦୪ ମସିହାରୁ ରିନ୍ୟୁ କରାଯାଇ ନ ଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଅଗ୍ନିଶମ ଅଧିକାରୀ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏବଂ ଅଗ୍ନିଶମ ବିଭାଗର କଟକ ଡିଜିଙ୍କ ଅଫିସ୍‌କୁ ଜଣାଇଥିଲେ। ତାଙ୍କର ନିର୍ଦ୍ଦେଶ ଅନୁସାରେ ସେ କଳିଙ୍ଗ ଆଇସ୍ ଆଣ୍ଡ କୋଲ୍ଡ ଷ୍ଟୋରେଜ୍‌କୁ ତାଲା ପକାଇଥିଲେ। ସେଥିରେ ଗଚ୍ଛିତ ଥିବା ୪ହଜାର କୁଇଣ୍ଟାଲ ଆଳୁ, ୬୦ହଜାର ଫଳ ପ୍ୟାକେଟ୍ ଯଥାଶୀଘ୍ର ବାହାରକୁ ବାହାର କରିନେବାକୁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ନିୟମ ଅନୁସାରେ ସମସ୍ତ କାଗଜପତ୍ର ଠିକ୍ ନ କରିବା ପର୍ଯ୍ୟନ୍ତ କଳିଙ୍ଗ ଆଇସ୍ ଆଣ୍ଡ କୋଲ୍ଡ ଷ୍ଟୋରେଜ୍ ବନ୍ଦ ରହିବ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ରାଷ୍ଟ୍ରୀୟ ଶ୍ରମ ସଂସ୍ଥାନ ପକ୍ଷରୁ ଶ୍ରମିକ ନେତା ସମ୍ବର୍ଦ୍ଧିତ



**ଖଇରା, ୨୫।୪(ଡି.ଏନ.ଏ.):** ଭି.ଭି.ଗିରି ରାଷ୍ଟ୍ରୀୟ ଶ୍ରମସଂସ୍ଥାନ ତରଫରୁ ଶ୍ରମିକ ନେତା ଖଇରା ବ୍ଲକ ଗଗନଧୂଳି ପଞ୍ଚାୟତ ମଛଦା ଗ୍ରାମର କାହ୍ନୁ ପାକଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନୋଏଡ଼ାସ୍ଥିତ ଶ୍ରମମନ୍ତ୍ରାଳୟ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଇଣ୍ଡିଆନ ନ୍ୟାଶନାଲ ଟ୍ରେଡ ୟୁନିୟନ କାଉନସିଲ ତରଫରୁ ଏପ୍ରିଲ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ସଭାରେ ଭି.ଭି.ଗିରି ରାଷ୍ଟ୍ରୀୟ ଶ୍ରମ ସଂସ୍ଥାନର ଜେନେରାଲ ଡାଇରେକ୍ଟର ଏଚ୍. ଶ୍ରୀନିବାସ ଅଧକ୍ଷତା କରିଥିଲେ। ପାକଳ ବିଶ୍ୱକର୍ମା ନିର୍ମାଣ ଶ୍ରମିକ ବାଲେଶ୍ୱରର ସିମୁଳିଆ ଓ ଖଇରା ପାଇଁ ସଭାପତି ଭାବରେ କାର୍ଯ୍ୟ କରି କୁଶଳୀ, ଅଣକୁଶଳୀ କାରିଗରମାନଙ୍କୁ ସହଜ ଓ ସୁବିଧାରେ ଶ୍ରମିକ କାର୍ଡ ଯୋଗାଇବା ସହିତ ସରକାରଙ୍କଠାରୁ ମିଳୁଥିବା ସୁବିଧା ସୁଯୋଗ ଯୋଗାଇବା ପାଇଁ ପ୍ରୟାସ ଜାରି ରଖିଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

### କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ଘର ଘର ବୁଲି ପ୍ରଚାର



**ବାଲେଶ୍ୱର ଅଫିସ,୨୫।୪:** ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମାନସ ଦାସପଟ୍ଟନାୟକ ଘରକୁ ଘର ବୁଲି ଲୋକମାନଙ୍କର ମୌଳିକ ସମସ୍ୟାର ସମାଧାନ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ପୌରାଞ୍ଚଳ ଅନ୍ତର୍ଗତ ସୁନହଟ, କଂସେଇମହଲା, ଖ୍ରୀଷ୍ଟିଆନ୍ ସାହି, ମଛୁଆସାହି, ଫୁଲବଜାର ଅଞ୍ଚଳରେ ବୁଲି ଲୋକଙ୍କୁ ସମସ୍ୟା ସହ ଆଲୋଚନା କରି ନିର୍ବାଚନରେ ବିଜୟୀ ହେଲେ ସେମାନଙ୍କର ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ରାଇସୁଆଁରେ ଆୟୋଜିତ ସଭାରେ ସେ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ଦୀର୍ଘଦିନ ଧରି ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ପ୍ରତିନିଧିମାନେ ଲୋକଙ୍କ ସମସ୍ୟା ବାବଦରେ ଅବଗତ ନ ଥିବାକୁ କଟାକ୍ଷ କରି ଏଭଳି ନେତାଙ୍କୁ ପୁନର୍ବାର ଆସନରେ ବସାଇ ନ ଦେବା ପାଇଁ ଭୋଟରମାନଙ୍କୁ ନିବେଦନ କରିଥିଲେ। ଇନ୍ଦିରାଆବାସ, ବିପିଏଲ୍ କାର୍ଡ଼, ବାର୍ଦ୍ଧକ୍ୟ ଭତ୍ତା ଭଳି ମୌଳିକ ସୁବିଧାରୁ ଲୋକମାନେ ବଞ୍ଚିତ ଥିବାରୁ ସେ ମର୍ମାହତ ବୋଲି ପ୍ରକାଶ କରିଥିଲେ। ଏହାର ସ୍ଥାୟୀ ସମାଧାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପରିଖିଠାରେ ମଧ ନିଜ କର୍ମୀ ଓ ନେତାଙ୍କ ଗହଣରେ ଘର ଘର ବୁଲି ଲୋକମାନଙ୍କର ସୁଖଦୁଃଖ ବୁଝିବା ସହ ଭୋଟ୍ ପାଇଁ ନିବେଦନ କରିଥିଲେ।


ବିଜେଡିର ବାଇକ୍ ଶୋଭାଯାତ୍ରା।

# ବାହାନଗାରେ ବିଜେଡିର ବାଇକ୍ ଶୋଭାଯାତ୍ରା

**ବାହାନଗା, ୨୫।୪(ଡି.ଏନ.ଏ.)**

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନକୁ ଆଉ କିଛି ଦିନ ବାକି ଅଛି। ଏହି ଅବସରରେ ବାଲେଶ୍ୱର ଜିଲା ସୋର ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ଗୁରୁବାର ପଣ୍ଡାଶୁଣି ସମେତ ତାଳକୁରୁଣିଆଁ ପଞ୍ଚାୟତରେ ବିଜେଡି ତରଫରୁ ବିଧାୟକ ପର୍ଶୁରାମ ଧଡ଼ାଙ୍କ ଦ୍ୱାରା ବାଇକ୍ ଶୋଭାଯାତ୍ରା କରାଯିବା ସହ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ଧଡ଼ାଙ୍କ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭରସା କରି ଦ୍ୱିତୀୟଥର ଟିକେଟ ଦେଇଥିବାରୁ କର୍ମୀମାନଙ୍କ ମଧ୍ୟରେ ଆନନ୍ଦ ଦେଖାଦେଇଛି। ବିଧାୟକ ଧଡ଼ା ପଣ୍ଡାଶୁଣି ଗ୍ରାମ ସମେତ ବିଭିନ୍ନ ଗ୍ରାମରେ ଶୋଭାଯାତ୍ରା କରିବା ପରେ ଘରକୁ ଘର ଯାଇ ଭୋଟଭିକ୍ଷା କରିଥିଲେ। ୫ବର୍ଷ ମଧ୍ୟରେ ସେ ଯେଉଁସବୁ ଉନ୍ନୟନମୂଳକ କାମ କରିଛନ୍ତି ସେ ବିଷୟରେ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଦୀର୍ଘଦିନ ଧରି କଂଗ୍ରେସକୁ ସୋରବାସୀ ବିଜୟୀ କରିଥିଲେ ମଧ ସେତେବେଳେ କ'ଣ ହୋଇଥିଲା ଓ ଗତ ୫ବର୍ଷ ମଧରେ ବିଜେଡି ସରକାର କ'ଣ କରିଛି ସେ ବିଷୟରେ ଭୋଟରଙ୍କଠାରେ ଅବଗତ କରାଇବା ସହ ନିଜ ପାଇଁ ଭୋଟ ମାଗିଥିଲେ। ସେହିପରି ତାଳକୁରୁଣିଆଁ ପଞ୍ଚାୟତରେ ମଧ ବିଜେଡି ତରଫରୁ ବାଇକ୍ ଶୋଭାଯାତ୍ରା କରାଯିବା ସହ ବିଭିନ୍ନ ଗ୍ରାମରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ଧଡ଼ାଙ୍କ ସହିତ ବିଜୟ କୁମାର ସାହୁ, ସୁକାନ୍ତ ବିନ୍ଧାଣି, ସୁମନ୍ତ ଦାସ, ପ୍ରଦୀପ ଜେନା, ଶତ୍ରୁଘ୍ନ ପରିଡ଼ା, ସରପଞ୍ଚ ରିନା ବିନ୍ଧାଣି ଓ ଅଶ୍ୱିନୀ ମହାପାତ୍ର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି କଂଗ୍ରେସ ଓ ଭାଜପା ତରଫରୁ ମଧ କର୍ମୀମାନଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ନିର୍ବାଚନ ଯେତେ ପାଖଉଛି ପ୍ରମୁଖ ଦଳ ତରଫରୁ ପ୍ରଚାର ସେତେ ଜୋରଦାର୍ ହେଉଛି।

## ଭୋଟର ସଚେତନତା କାର୍ଯ୍ୟକ୍ରମ

**ସୋର, ୨୫।୪(ଡି.ଏନ.ଏ.):** ସୋର ଥାନା ଅଧୀନ ବାଗୁଡି ଅଞ୍ଚଳରେ ବାଲେଶ୍ୱରସ୍ଥିତ ଜନନୀ ପରିବାର ପକ୍ଷରୁ ଚଳିତ ନିର୍ବାଚନରେ ଅବାଧ ନିରପେକ୍ଷ ଓ ନିଶାମୁକ୍ତ ମତଦାନ ପାଇଁ ଭୋଟର ସଚେନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଇନ୍‌ଜୀବୀ ଜ୍ୟୋତ୍ସ୍ନା ମହାନ୍ତି ଏହି ଆନ୍ଦୋଳନର ନେତୃତ୍ୱ ନେଇ ଶତାଧିକ ମହିଳା ସହଯୋଗୀଙ୍କର ଏକ ରାଲି ବଜାର ପରିକ୍ରମା କରି ନିଜ ନିଜର ଭୋଟ ଟଙ୍କାରେ ବିକ୍ରି ନ କରି ନିରପେକ୍ଷ ମତଦାନ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ପ୍ରମିଳା ରାଉତ, ମାଳତୀ ନାୟକ ପ୍ରମୁଖ ସାମିଲ ଥିଲେ।


ଶ୍ରମିକ ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ମନ୍ତ୍ରୀଙ୍କ ସହ ସଂଘର ସଦସ୍ୟ।

# ରାଧାକ୍ରିଷ୍ଣ ନିର୍ମାଣ ଶ୍ରମିକ ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଖଇରା, ୨୫।୪(ଡି.ଏନ.ଏ.)**

ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧିନ ସାଲୋ ଗ୍ରାମରେ ଗୁରୁବାର ରାଧାକ୍ରିଷ୍ଣ ନିର୍ମାଣ ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଶ୍ରମ ନିଯୁକ୍ତି ମନ୍ତ୍ରୀ ସୁଶାନ୍ତ କୁମାର ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ତାଙ୍କ ଭାଷଣରେ ଓଡ଼ିଶା ସରକାର ନିର୍ମାଣ ଶ୍ରମିକ ଓ ସେମାନଙ୍କର ପରିବାର ଯଥା ଝିଅ ବିବାହ, ପାଠ ପଢ଼ା ଭଳି ଖର୍ଚ୍ଚର ଭରଣା ପାଇଁ ବହୁ ଯୋଜନା ପ୍ରଣୟନ କରୁଛନ୍ତି। ଏଣୁ ଶ୍ରମିକଙ୍କ କଲ୍ୟାଣ ପାଇଁ ପୁଣି ଥରେ ନବୀନ ସରକାଙ୍କୁ ଜିତାଇବାକୁ ହେଲେ ସିମୁଳିଆ ବିଜେଡି ପ୍ରାର୍ଥୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସଂଘର ରାଜ୍ୟଶାଖା ସଭାପତି ନିତ୍ୟାନନ୍ଦ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମନ୍ତ୍ରୀ ମୁଖ୍ୟଅତିଥି, ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ପାଢ଼ୀ, ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ଦାସ, ଜିଲାପରିଷଦ ସଭ୍ୟା ସୁଷମା ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଉତ ଉପସ୍ଥିତ ନିର୍ମାଣ ଶ୍ରମିକଙ୍କୁ ସରକାରଙ୍କ ତରଫରୁ ଦିଆଯାଉଥିବା ସୁବିଧା ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ଶାଖା ସଭାପତି ଡମ୍ବରୁଧର ମହାନ୍ତି, ସମ୍ପାଦିକା ରଞ୍ଜୁଲତା ଓଝା କାର୍ଯ୍ୟର ସଂଯୋଜନା କରିଥିଲେ। ବସନ୍ତ ଦାସ, ଉମାକାନ୍ତ ପଣ୍ଡା, ସନ୍ଧ୍ୟାରାଣୀ ଦାସ, ଜୟଶ୍ରୀ ଦାସ, ଜିତେନ୍ଦ୍ର ନାରାୟଣ ଦାସ, ନିରଞ୍ଜନ ମହୁରୀ, ସୁଧାକର ମୁଦୁଲି, ପୂର୍ଣ୍ଣିମା ପଣ୍ଡା, ଭରତ ଜେନା ଓ ଶତ୍ରୁଘ୍ନ ଓଝା ପ୍ରମୁଖ ସହଯୋଗ କରିଥିଲେ।

# ଭାଜପାର ମୋଟର ସାଇକେଲ ଶୋଭାଯାତ୍ରା

**ସୋର, ୨୫।୪(ଡି.ଏନ.ଏ.)**

ସୋରରେ ଭାଜପା ତରଫରୁ ମୋଟର ସାଇକେଲ ଶୋଭାଯାତ୍ରା ହୋଇଯାଇଛି। ଭାଜପା ବିଧାୟକ ପ୍ରାର୍ଥୀ ରାକେଶ ମଲ୍ଲିକ, ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଖୋଲା ଗାଡ଼ିରେ ଶୋଭାଯାତ୍ରାରେ ସୋର ବଜାର ପରିକ୍ରମା କରି ନିଜ ସପକ୍ଷରେ ଭୋଟ୍ ଭିକ୍ଷା କରିଥିଲେ। ଭାଜପା କର୍ମୀମାନେ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ବାହାରି ସୋର ବଜାର ପରିକ୍ରମା କରିଥିଲେ। ପରେ ସମସ୍ତ କର୍ମୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୋରାଡ଼ିଆ ଆସୁଥିବାରୁ ସେଠାରେ ସମବେତ ହୋଇଥିଲେ।


ଭାଜପାର ମୋଟର ସାଇକେଲ ଶୋଭାଯାତ୍ରା।

# ଜଳେଶ୍ୱରରେ ଅପରାଜିତାଙ୍କ ପ୍ରଚାର

**ଜଳେଶ୍ୱର, ୨୫।୪(ଡି.ଏନ.ଏ.)**

ଭାଜପା ଏମ୍‌ପି ପ୍ରାର୍ଥିନୀ ଅପରାଜିତା ଷଡ଼ଙ୍ଗୀ ଗୁରୁବାର ସନ୍ଧ୍ୟାରେ ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ପହଞ୍ଚି ଏକ ବାଇକ୍ ଶୋଭାଯାତ୍ରା କରିଥିଲେ। ସେ ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଜୟନାରାୟଣ ମହାନ୍ତିଙ୍କ ସପକ୍ଷରେ ଭୋଟ ଦେବା ଲାଗି ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ତାଙ୍କ ସହିତ ଉଭୟ ପ୍ରାର୍ଥୀ ଉପସ୍ଥିତ ଥିଲେ। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ଆଣିବା ପାଇଁ ସାଧାରଣ ଭୋଟରଙ୍କୁ ଅନୁରୋଧ କରିଥିଲେ। ଉକ୍ତ ରୋଡ଼ ଶୋ ଜଳେଶ୍ୱର ସହର ଉପକଣ୍ଠ ବଳରାମପୁର ଛକଠାରୁ ଆରମ୍ଭ ହୋଇ ବାଘାବାଳି, ରାଜପୁର, ଝାଡ଼େଶ୍ୱରପୁର, ଷ୍ଟେସନବଜାର, ବଡ଼ବଜାର, ବ୍ଲକ ବଜାର, ଗୋବରଘାଟା ମଧଦେଇ ଲକ୍ଷ୍ମଣନାଥ ଯାତ୍ରାପଡ଼ିଆରେ ଶେଷ ହୋଇଥିଲା। ଅପରାଜିତାଙ୍କୁ ଦେଖିବା ପାଇଁ ସ୍ଥାନେ ସ୍ଥାନେ ମହିଳାଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏହି ଶୋଭାଯାତ୍ରାରେ ୩ ହଜାରରୁ ଊର୍ଦ୍ଧ୍ୱ ବାଇକ୍ ସାମିଲ ହୋଇଥିଲା।


ଜଳେଶ୍ୱରଠାରେ ଅପରାଜିତାଙ୍କ ରୋଡ଼ ଶୋ।

# 'ମୋ ଭୋଟ୍ ମୋ ଅଧିକାର' ଆଲୋଚନାଚକ୍ର

**ବାଲେଶ୍ୱର ଅଫିସ, ୨୫।୪**

ସମଗ୍ର ଦେଶରେ ଗଣତନ୍ତ୍ରର ମହାପର୍ବ ନିର୍ବାଚନ-୨୦୧୯ ଚାଲୁଅଛି। ଓଡ଼ିଶାରେ ୩ଟି ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହୋଇଯାଇଥିବା ବେଳେ ଆସନ୍ତା ୨୯ତାରିଖରେ ବାଲେଶ୍ୱର ସମେତ କେତେକ ଜିଲାରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏକ ସୁନ୍ଦର ତଥା ସ୍ୱଚ୍ଛ ଭାରତ ନିର୍ମାଣ ପାଇଁ ନିଜେ ମତଦାନ କରିବା ସହିତ ଅନ୍ୟମାନଙ୍କୁ ମତଦାନ ପୂର୍ବକ ସଠିକ୍ ପ୍ରାର୍ଥୀ ଚୟନ କରିବା ଉଦ୍ଦେଶ୍ୟରେ ଜ୍ଞାନଶ୍ରୀ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ କୁମାରୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ 'ମୋ ଭୋଟ୍ ମୋ ଅଧିକାର' ଶୀର୍ଷକ ଆଲୋଚନାଚକ୍ର କୁରୁଡ଼ାସ୍ଥିତ ଏକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଆଲୋଚନାଚକ୍ରରେ ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସ, ବଣଧୂଳିର ଫୁଲ ଟ୍ରଷ୍ଟର ଅଧକ୍ଷ ସମାଜସେବୀ ବିଜୟ କୁମାର ଆଚାର୍ଯ୍ୟ, ଜ୍ଞାନଶ୍ରୀର ସମ୍ପାଦକ ପ୍ରଶାନ୍ତ କୁମାର ପଟେଲ, କାର୍ଯ୍ୟକାରୀ ସଦସ୍ୟ ସନ୍ଦୀପ ପ୍ରଧାନ, ସଦସ୍ୟ ଭବାନୀ ଶଙ୍କର ନାୟକ ପ୍ରମୁଖ ଯୋଗଦେଇ ମତଦାନର ଆବଶ୍ୟକତା ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାର୍ଥୀମାନଙ୍କ ଦ୍ୱାରା କୌଣସି ପ୍ରଲୋଭନର ଶିକାର ନ ହୋଇ ଅନ୍ୟମାନଙ୍କୁ ମତଦାନ କରିବା ତଥା ସଠିକ୍ ପ୍ରାର୍ଥୀ ଚୟନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଆଲୋଚନାଚକ୍ରକୁ ସଙ୍ଗଠନର ଉପଦେଷ୍ଟା କବି ଜଳଧର ପଣ୍ଡା ସଂଯୋଜନା କରିଥିଲେ। ସଦସ୍ୟ ରାଜୀବ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କୁମାରୀର ସଦସ୍ୟା ଅଂଶଗ୍ରହଣ କରି ମତବ୍ୟକ୍ତ କରିଥିଲେ। ସଦସ୍ୟା ଶ୍ରଦ୍ଧାଞ୍ଜଳି ବିଶ୍ୱାଳ, କବିତା ଜେନା, ମୀନତି ଦାସ, ମଧୁସ୍ମିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



'ମୋ ଭୋଟ୍ ମୋ ଅଧିକାର' ଆଲୋଚନାଚକ୍ରରେ ଉପସ୍ଥିତ କର୍ମକର୍ତ୍ତା।

ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ୨୬ ଏପ୍ରିଲ, ୨୦୧୯



## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**କପ୍ତିପଦା,୨୫।୪(ଡ଼ି.ଏନ୍.ଏ.)**-କପ୍ତିପଦା ବ୍ଲକ୍ ଜେଏସ ଜାମୁଡ଼ିହା ପଞ୍ଚାୟତ ଅନ୍ତର୍ଗତ ଭଣ୍ଡାରିପାଳ ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସୁଜିତ ବିନ୍ଧାଣୀ (୨୫) । ସୁଜିତ ମଙ୍ଗଳବାର ରାତିରେ ଭୋଜି ଖାଇବାକୁ ଯାଇ ଘରକୁ ଫେରି ନ ଥିଲେ । ବୁଧବାର ଘରଠାରୁ ଅନତି ଦୂର ଏକ ବିଲରେ ସେ ମୃତ ଅବସ୍ଥାରେ ପଡ଼ିଥିବା ଗ୍ରାମର ଜନୈକା ମହିଳା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଖବରପାଇ ନୁଦଡ଼ିହା ଫାଣ୍ଡି ଅଧିକାରୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉଦଳା ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି । ବଜ୍ରପାତ ଯୋଗୁ ସୁଜିତଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

### ରାଇବଣିଆରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଚାର

**ଜଳେଶ୍ୱର, ୨୫।୪(ଡି.ଏନ.ଏ.)**- ଜଳେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀର ରାଇବଣିଆ ହେଲିପ୍ୟାଡରେ ଭାଜପା ପକ୍ଷରୁ ଗୁରୁବାର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଉପସ୍ଥିତ ୧୫ହଜାରରୁ ଉର୍ଦ୍ଧ୍ୱ ରାଇବଣିଆ ଅଞ୍ଚଳବାସୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳର ଏମ୍ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଜୟନାରାୟଣ ମହାନ୍ତିଙ୍କ ସପକ୍ଷରେ ଭୋଟ୍ ଦେବାକୁ ନିବେଦନ କରିଥିଲେ। ରାଜ୍ୟରେ ଦିନକୁ ଦିନ ନାରୀ ନିର୍ଯାତନା ବଢ଼ିବା ସହିତ ବେକାରୀ ତଥା ଦାଦନ ସମସ୍ୟା ବଢ଼ିବାରେ ଲାଗିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାର ଜନ କଲ୍ୟାଣକାରୀ ଯୋଜନା ନାଁରେ ହିତାଧିକାରୀମାନଙ୍କଠାରୁ ପିସି ବାବଦକୁ ଟଙ୍କା ହରିଲୁଟ୍ କରିବାରେ ଲାଗିଛନ୍ତି ସରକାରୀ କର୍ମଚାରୀ। ତେଣୁ ଏଭଳି ସରକାରଙ୍କୁ ରାଜ୍ୟବାସୀ ଚଳିତ ନିର୍ବାଚନରେ ବଦଳାଇବା ଏକପ୍ରକାର ନିଶ୍ଚିତ ହୋଇଯାଇଛି ବୋଲି ଏମ୍ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ବିଧାୟକ ପ୍ରାର୍ଥୀ ଜୟନାରାୟଣ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଛନ୍ତି। ଆୟୋଜିତ ସଭାରେ ମାନସ ଦାସମହାପାତ୍ର, ଧ୍ରୁବଚରଣ ପାଲ, ଦିବ୍ୟକାମ ମହାନ୍ତି, ଶାନ୍ତନୁ ପଟ୍ଟନାୟକ, ଅଭିଜିତ ପ୍ରଧାନ, ନବ ଦାସ, ଯୁବନେତା ନିଶିକାନ୍ତ ଘୋଷ, ମୁକ୍ତିଗୋପାଳ ଜେନା, ସରପଞ୍ଚ ବଳରାମ ବର୍ଷାଳ ପ୍ରମୁଖ ମଞ୍ଚାସୀନ ରହି ପ୍ରାର୍ଥୀଦ୍ୱୟଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ।

### ଭାଜପାର ବୁଥ ପ୍ରଶିକ୍ଷଣ ଓ ପ୍ରଚାର ଶିବିର

**ବାଲିଆପାଳ, ୨୫।୪(ଡି.ଏନ.ଏ.)**- ଭାଜପା ପକ୍ଷରୁ ଗୁରୁବାର ହାସିମପୁର ନୀଳାମ୍ବର ସାହୁଙ୍କ ଫାର୍ମ ହାଉସ ପରିସରରେ କର୍ମକର୍ତ୍ତାମାନଙ୍କୁ ନେଇ ଏକ ବୁଥ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାଜପା ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା ଯୋଗ ଦେଇ ପ୍ରତି ବୁଥ ସ୍ତରରେ କର୍ମକର୍ତ୍ତା ପ୍ରଚାର ଦାୟିତ୍ୱ ନେବା ସହିତ ପ୍ରତି ବୁଥରେ ଦଳୀୟ ଏଜେଣ୍ଟ ତାଲିକା ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ଫଳରେ ଅନ୍ୟ ଦଳ ପକ୍ଷରୁ ବୁଥ ଜବରଦଖଲ ଓ ବୁଥରେ ଭୋଟିଂ ଟାମ୍ପରିଂକୁ ରୋକାଯାଇପାରିବ ବୋଲି କହିଥିଲେ। ଏଥିରେ ଭାଜପାର ବରିଷ୍ଠ ନେତା ଶିବଶଙ୍କର ପ୍ରଧାନ, ଅରବିନ୍ଦ ବେହେରା, ମହେଶ୍ୱର ଜେନା, ସତ୍ୟାନନ୍ଦ ମହାନ୍ତି, ବିକାଶ ଗିରି, ସୁବଳଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ରଣ କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଦଳ ପକ୍ଷରୁ ବସ୍ତା ବିଧାୟକ ପ୍ରାର୍ଥୀ ରଘୁନାଥ ମହାନ୍ତି ଓ ଦଳୀୟ କର୍ମୀମାନେ ନାଇକୁଡି, ଦରଡା ଓ ଚଉମୁଖ ପଞ୍ଚାୟତରେ ପ୍ରଚାର ଜୋରଦାର କରିଛନ୍ତି।

## ■ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ଜଣାଇଲେ ସେବାୟତ

# ବାରିପଦା ଜଗନ୍ନାଥ ମନ୍ଦିରକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ଦାବି

**ବାରିପଦା ଅଫିସ,୨୫।୪**

ମୟୁରଭଞ୍ଜ ଜିଲା ବାରିପଦା ଜଗନ୍ନାଥ ମନ୍ଦିରର ସ୍ୱତନ୍ତ୍ରତା ରହିଛି। ପୁରୀ ମନ୍ଦିରର ଦିନକ ପରେ ଏଠାରେ ଦୁଇ ଦିନ ଧରି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ହିଁ ଟାଣି ଥାନ୍ତି। ଏଥିପାଇଁ ଲୋକେ ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମଧ୍ୟ କହିଥାନ୍ତି। ହେଲେ ଅଦ୍ୟାବଧି ଏହି କ୍ଷେତ୍ର ସରକାରୀ ମାନ୍ୟତା ପାଇନାହିଁ। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ଜଗନ୍ନାଥ ମନ୍ଦିରକୁ ଆସି ଠାକୁରଙ୍କ ଦର୍ଶନ କରିବା ବେଳେ ସେବାୟତମାନେ ବାରିପଦା ଜଗନ୍ନାଥ ମନ୍ଦିରକୁ ସରକାରୀସ୍ତରରେ ଦ୍ୱିତୀୟ ଶ୍ରୀକ୍ଷେତ୍ରର ଭାବେ ମାନ୍ୟତା ଦେବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏହା ବ୍ୟତୀତ ଜିଲାରେ ଦେବୋତ୍ତର ବିଭାଗ ପାଇଁ ଜଣେ ମାଜିଷ୍ଟ୍ରେଟ ପାହ୍ୟାର ଅଧିକାରୀ ନିଯୁକ୍ତି, ମଠ ଓ ମନ୍ଦିର ଗୁଡିକରେ ଖାଲି ପଡିଥିବା ସେବାୟତ ପଦବୀରେ ନିଯୁକ୍ତି, ଠାକୁରଙ୍କ ରୀତିନୀତି ଶୃଙ୍ଖଳିତ ପରିଚାଳାନା, ମଠ ମନ୍ଦିର ମାନଙ୍କର ସମ୍ପତ୍ତି ଉଦ୍ଧାର ବ୍ୟବସ୍ଥା ଠାକୁରମାନଙ୍କ ଗହଣାର ପୁନରୁଦ୍ଧାର, ସେବାୟତ ମାନଙ୍କୁ ପଦବୀ ଅନୁଯାୟୀ ଭତ୍ତା ପ୍ରଦାନ କରିବାକୁ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ସେବାୟତ ମାନଙ୍କ ଦାବିକୁ ଗ୍ରହଣ କରି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।


ଜଗନ୍ନାଥ ମନ୍ଦିରରେ ମୁଖ୍ୟମନ୍ତ୍ରୀଙ୍କ ସହିତ ସେବାୟତ।

## ଅମ୍ବିକା ମନ୍ଦିର ଛକରେ ସ୍ୱାଗତ ସମ୍ବର୍ଦ୍ଧନା

**ବାରିପଦା ଅଫିସ,୨୫।୪**

ଦୁଇଦିନିଆ ନିର୍ବାଚନୀ ପ୍ରଚାରରେ ମୟୂରଭଞ୍ଜ ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପ୍ରଚାର ପୂର୍ବରୁ ବାରିପଦା ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ଦର୍ଶନ କରିଥିଲେ। ଏହା ପରେ ବଡବଜାର ରୋଡ ଦେଇ ଅମ୍ବିକା ମନ୍ଦିର ଛକ ବାଟେ ଷ୍ଟାଡିୟମ ହେଲିପ୍ୟାଡକୁ ଯାଇଥିଲେ। ଅମ୍ବିକା ମନ୍ଦିର ନିକଟରେ ଯୁବ ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ଯୁବ ଛାତ୍ର କର୍ମୀ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ପ୍ରଚାରରେ ଯାଉଥିବାରୁ ଅମ୍ବିକା ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସେଠାରେ କିଛି ସମୟ ଅଟକି କର୍ମୀମାନଙ୍କୁ ଦଳ ପାଇଁ କାର୍ଯ୍ୟ କରିବାକୁ କହିଥିଲେ।

## 'କିଛି ଫରକ୍ ପଡ଼ିବ ନାହିଁ'

**ବାରିପଦା ଅଫିସ,୨୫।୪**–ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇ ଦିନିଆ ମୟୂରଭଞ୍ଜ ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରି ଫେରିଯାଇଛନ୍ତି। ହେଲେ ଏହି ଗସ୍ତର କିଛି ଫରକ ଜିଲାରେ ପଡିବ ନାହିଁ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଜୀବନ କୁମାର ସାହୁ ଗଣମାଧ୍ୟମକୁ କହିଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ଭଳି ଫଳାଫଳ ଜିଲାରେ ଭାଜପା ପୁଣି ଦୋହରାଇବ ବୋଲି ସେ କହିଛନ୍ତି। କାରଣ ମୟୂରରଭଞ୍ଜ ଜିଲାକୁ ରାଜ୍ୟ ସରକାର କ୍ରମାଗତ ଭାବେ ଅବହେଳା କରି ଚାଲିଛନ୍ତି। ଶାସକ ଦଳର ବିଧାୟକ ଓ ସାଂସଦମାନେ ବହୁ ଦୁର୍ନୀତିରେ ଲିପ୍ତ ରହିଥିଲେ। ଏଣୁ ସେମାନଙ୍କ ଲୋକ ପ୍ରିୟତା ନଥିବାରୁ ୮ ଜଣଙ୍କ ଟିକଟ କାଟି ଦଳ ଏଥର ନୂଆଁ ମୁହଁ ଦେଇଛି। ଦଳୀୟ ପ୍ରାର୍ଥୀଙ୍କ ସେଭଳି ସଂଗଠନ ମଧ୍ୟ ନାହିଁ। ଏଣୁ ପୁଣି ଥରେ ଭାଜପା ଏଠାରେ ନିଜ ଦବଦବା ଦେଖାଇବ ବୋଲି ମଧ୍ୟ ସେ କହିଛନ୍ତି।

## କେନ୍ଦ୍ରରେ କଥାକୁହା ସରକାର ଚାଲିଛି

**କପ୍ତିପଦା/ଭଞ୍ଜକିଆ/ ରାଇରଙ୍ଗପୁର,୨୫।୪(ଡ଼ି.ଏନ୍.ଏ.)**

ଉଦଳା ନିର୍ବାଚନମଣ୍ଡଳୀ ଅଧୀନ କପ୍ତିପଦା ବ୍ଲକ୍ ପେଡାଗଡି ପଞ୍ଚାୟତ କରପଦା ପଡିଆଠାରେ ବିଜେଡି ପକ୍ଷରୁ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିର୍ବାଚନୀ ସଭାରେ ଯୋଗଦେଇ କେନ୍ଦ୍ରରେ କଥାକୁହା ସରକାର ଚାଲିଛି ଓ ବିପର୍ଯ୍ୟୟ ସମୟରେ କେନ୍ଦ୍ରୀୟ ନେତାଙ୍କ ଦେଖା ମିଳୁ ନ ଥିବା ବେଳେ ଭୋଟ ଭିକ୍ଷା କରିବାକୁ ବାରମ୍ବାର ଓଡିଶା ଆସୁଥିବାରୁ ଆଗାମୀ ନିର୍ବାଚନରେ ମୟୂରଭଞ୍ଜବାସୀ ଉଚିତ ଦେବେ ବୋଲି କହିଛନ୍ତି। ସଭାରେ ମୟୂରଭଞ୍ଜ ବିଜେଡି ସାଂସଦ ପ୍ରାର୍ଥୀ ଡା. ଦେବାଶିଷ ମାର୍ଣ୍ଡି ଓ ଉଦଳା ବିଧାୟକ ପ୍ରାର୍ଥୀ ଶ୍ରୀନାଥ ସୋରେନ, ଜିଲା ପର୍ଯ୍ୟବେକ୍ଷକ ଅରୁଣ ସାହୁ ଓ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ଉଦଳା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଦେବପ୍ରିୟ ପାତ୍ରଙ୍କ ସମେତ ବିଭିନ୍ନ ସାଙ୍ଗଠନିକ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

ଅପରାହ୍ନ ୩ଟା ୧୫ରେ ରରୁଆଁରେ ଆୟୋଜିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ ନେଇ କଡ଼ା ସମାଲୋଚନା କରିଥିଲେ । କେନ୍ଦ୍ରର ପାତର ଅନ୍ତର ନୀତି ପାଇଁ ରାଜ୍ୟ ନିଜର ହକ୍‌ରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ରତ୍ନଗର୍ଭା ଓଡିଶାର ଖଣିଖାଦାନରୁ ବିପୁଳ ପରିମାଣରେ ରୟାଲଟି ନେଉଥିଲେ ହେଁ ରାଜ୍ୟ ତାର ହକରୁ ବଞ୍ଚିତ ହେଉଛି ବୋଲି ଉଦବୋଧନ ଦେଇଥିଲେ। ନିର୍ବାଚନୀ ସଭାରେ ସାଂସଦ ପ୍ରାର୍ଥୀ ଡା. ଦେବାଶିଷ ମାର୍ଣ୍ଡି ଓ ବିଧାୟକ ପ୍ରାର୍ଥୀ ଗୋଲକ ନାୟକଙ୍କ ସମେତ ବିଜେଡିର ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ବିଧାୟକ ମଙ୍ଗଳସିଂ ମୁଦି, ଜିଲ୍ଲା ସଂପାଦକ ନରେଶ ମହାନ୍ତି, ଝରିଗାଁ ବିଧାୟକ ତଥା ଆଦିବାସୀ କଲ୍ୟାଣ ମନ୍ତ୍ରୀ ରମେଶ ମାଝି, ବ୍ଲକ ସଭାପତି ଅମରେଶ ଭଞ୍ଜଦେଓ, ଯୁବନେତା ଜାହିର ଖାଁ ପ୍ରମୁଖ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

ସେହିପରି ରାଇରଙ୍ଗପୁର କଚେରୀ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କାଳିଆ ଯୋଜନାରେ ରାଜ୍ୟରେ ୪୦ ଲକ୍ଷ ଗ୍ରାମାଞ୍ଚଳ ଚାଷୀ ଉପକୃତ ହୋଇଥିବାବେଳେ ଏହି ଯୋଜନାକୁ କେନ୍ଦ୍ର ଭାଜପା ସରକାର ବନ୍ଦ କରିବା ଚକ୍ରାନ୍ତକୁ ସଫଳ କରିବାକୁ ଦିଆଯିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଉକ୍ତ ସଭାରେ ମୟୂରଭଞ୍ଜ ଜିଲା ଦଳୀୟ ପର୍ଯ୍ୟବେକ୍ଷକ ଅରୁଣ ସାହୁ, ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଉମାକାନ୍ତ ସାମନ୍ତରାୟଙ୍କ ସମେତ ଦଳୀୟ ବିଭିନ୍ନ କର୍ମକର୍ତ୍ତା, ମହିଳା ଏବଂ ଯୁବଛାତ୍ରକର୍ମୀ ସମେତ ବହୁ ବିପୁଳ ଜନସମାଗମ ଦେଖାଯାଇଥିଲା। ଏହି ସଭାରେ ଉପସ୍ଥିତ ଦଳୀୟ ଲୋକ ସଭା ପ୍ରାର୍ଥୀ ଡ. ଦେବାଶିଷ ମାର୍ଣ୍ଡି ଏବଂ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବାସନ୍ତୀ ମାର୍ଣ୍ଡିଙ୍କୁ ଭୋଟ ଦେବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ପରେ ହାଇଟେକ୍ ବସ୍ ଯୋଗେ ମୁଖ୍ୟମନ୍ତ୍ରୀ ରୋଡ୍ ଶୋ କରିଥିଲେ।

## ଝିଅ ପାଇଁ ପ୍ରଚାର କଲେ ଜେଏମ୍ଏମ୍ ସୁପ୍ରିମୋ


ଜେଏମଏମ ସୁପ୍ରିମୋ ହାତୀମଡା ନିର୍ବାଚନୀ ସଭାରେ ଯୋଗ ଦେବାକୁ ଯାଉଛନ୍ତି।

**ଉଦଳା,୨୫।୪(ଡି.ଏନ.ଏ)**

ମୟୂରଭଞ୍ଜ ଲୋକ ସଭା ନିର୍ବାଚନମଣ୍ଡଳୀର ଜେଏମଏମ ଏମ୍ପି ପ୍ରାର୍ଥିନୀ ଅଞ୍ଜନୀ ସୋରେନ୍‌ଙ୍କ ପାଇଁ ତାଙ୍କ ବାପା ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳୀୟ ସୁପ୍ରିମୋ ଶିବୁ ସୋରେନ୍ ଗୁରୁବାର ଉଦଳା ଆସି ପ୍ରଚାର କରିଛନ୍ତି। ଉଦଳା ବ୍ଲକ ଶ୍ରୀଦାମଚନ୍ଦ୍ରପୁର ପଞ୍ଚାୟତର ହାତୀମଡା ଫୁଟବଲ୍ ପଡିଆଠାରେ ଆୟୋଜିତ ନିର୍ବାଚନୀ ସଭାରେ ସେ ଯୋଗଦେଇ ଝିଅ ପାଇଁ ଭୋଟ ଭିକ୍ଷା କରିବା ସହ ଜେଏମଏମକୁ ଭୋଟଦେଲେ ମୟୂରଭଞ୍ଜ ଜିଲା ଆଦିବାସୀମାନଙ୍କର ବିକାଶ ହେବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାର୍ଥିନି ଅଞ୍ଜନୀ ସୋରେନ୍ ଏବଂ ଝାଡଖଣ୍ଡ ରାଜ୍ୟ ବରହାଗଡା ନିର୍ବାଚନମଣ୍ଡଳୀର ବିଧାୟକ କୁନାଲ ଷଡଙ୍ଗୀ ଏହି ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ଶିବୁଙ୍କ ଏହି ନିର୍ବାଚନୀ ସଭା ପରେ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଥିବା କୁହାଯାଉଛି।

## ସାଇକେଲରେ ପ୍ରଚାର କଲେ ବିଧାୟକ ପ୍ରାର୍ଥୀ

**ବେତନଟୀ,୨୫।୪(ଡି.ଏନ୍.ଏ.)**

ନିର୍ବାଚନୀ ବୈତରଣୀ ପାର ହେବାକୁ ପ୍ରାର୍ଥୀମାନେ ବିଭିନ୍ନ କୌଶଳ ଅବଲମ୍ବନ କରୁଥିବା ବେଳେ ଜଣେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ସଂରକ୍ଷିତ ବଡସାହି ନିର୍ବାଚନ ମଣ୍ଡଳୀରେ ସାଇକେଲରେ ବୁଲି ପ୍ରଚାର କରୁଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ୮ ଜଣ ବିଧାୟକ ପ୍ରାର୍ଥୀ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ବେଳେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ସେଠୀ (୫୧) ବିଭିନ୍ନ ସ୍ଥାନ ସାଇକେଲରେ ବୁଲି ନିଜ ପାଇଁ ଭୋଟଭିକ୍ଷା କରୁଛନ୍ତି। ବାଙ୍ଗିରିପୋଷି ବ୍ଲକ ତାଳଟିକିରି ଗ୍ରାମର ରବୀନ୍ଦ୍ର ନାଥ ବେତନଟୀରେ ଏକ ଭଡା ଘରେ ରହି ପ୍ରତିଦିନ ସାଇକେଲରେ ବୁଲି ଚିଠି ବାକ୍ସ ଚିହ୍ନରେ ତାଙ୍କୁ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରୁଛନ୍ତି। ସେ ଜଣେ ଉଚ୍ଚ ଶିକ୍ଷିତ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଅର୍ଥ ଶାସ୍ତ୍ରରେ ଏମ୍.ଏ. ପାସ୍ କରିଛନ୍ତି। ଜଣେ ନାମମାତ୍ର ଚାଷୀ ଭାବେ ସ୍ୱଳ୍ପ ଜମିରେ ଚାଷ କରି ନିଜର ପରିବାର ଚଳାଉଥିବା ରବୀନ୍ଦ୍ର ନାଥ ପ୍ରକାଶ କରିଛନ୍ତି।



ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ସେଠୀ ସାଇକେଲରେ ପ୍ରଚାର କରୁଛନ୍ତି।

## ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା

**ବେତନଟୀ,୨୫।୪(ଡି.ଏନ୍.ଏ.)**

ବାଲେଶ୍ୱର ଲୋକସଭା ଅଧୀନ ବଡସାହି ନିର୍ବାଚନମଣ୍ଡଳୀରେ ଆସନ୍ତା ସୋମବାର ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରତି ବୁଥ୍‌ରେ ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଇଛି। ବଡସାହି ନିର୍ବାଚନ ମଣ୍ଡଳୀ ଅଧୀନରେ ବେତନଟୀ ଓ ବଡସାହି ବ୍ଲକ ରହିଥିବା ବେଳେ ବେତନଟୀ ବ୍ଲକରେ ମୋଟ ୧୩୬ଟି ବୁଥରେ ମତଦାନ ହେବ। ଏହି ବ୍ଲକର ୫୨,୮୯୯ ମହିଳା ଭୋଟର୍ ଓ ୫୩,୮୭୮ ପୁରୁଷ ଭୋଟରଙ୍କୁ ମିଶାଇ ମୋଟ ୧ ଲକ୍ଷ ୬ ହଜାର ୭ ଶହ ୮୨ ଜଣ ମତାଧିକାର ସାବ୍ୟସ୍ତ କରିବେ। ଏଠାରେ ୨ ହଜାରରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଭୋଟର୍ ମଧ୍ୟ ରହିଛନ୍ତି। ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ବୁଥରେ ଦୁଇଟି ଲେଖାଏ ହୁଇଲ୍ ଚେୟାର୍ ବ୍ୟବସ୍ଥା କରାଯାଇଛି। ଦିବ୍ୟାଙ୍ଗମାନଙ୍କୁ ସେମାନଙ୍କ ଘର ପାଖରୁ ଭୋଟଦାନ କେନ୍ଦ୍ରକୁ ଆଣିବା ପାଇଁ ସ୍ୱତନ୍ତ୍ର ଗାଡିର ମଧ୍ୟ ବ୍ୟବସ୍ଥା କରାଯାଇଛି। ମତଦାନ ସମୟରେ ଦିବ୍ୟାଙ୍ଗମାନଙ୍କୁ ସହାୟତା ପାଇଁ ୧୮ ବର୍ଷରୁ କମ୍ ଦୁଇ ଜଣ ଛାତ୍ରଙ୍କୁ ପ୍ରତି ବୁଥରେ ରଖାଯିବା ବ୍ୟବସ୍ଥା ହୋଇଛି। ପ୍ରଶାସନର ଏହି ସୁବ୍ୟବସ୍ଥା ଯୋଗୁ ଦିବ୍ୟାଙ୍ଗ ଭୋଟରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

## ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ

**ରାଇରଙ୍ଗପୁର,୨୫।୪(ଡି.ଏନ.ଏ.)**– ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗ୍ରାମାଞ୍ଚଳର ଜନସାଧାରଣ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଭୋଟ ବର୍ଜନ ଚେତାବନୀ ଦେଇଛନ୍ତି। ତିରିଂ ବ୍ଲକ କୁଲୁଘୁଟୁ ପଞ୍ଚାୟତ ଅନ୍ତର୍ଗତ ମୁଗୁଦା ଗ୍ରାମର ଗ୍ରାମବାସୀ ପଡୋଶୀ ଝାଡ଼ଖଣ୍ଡ ରାଜ୍ୟ ସୀମାରେ ସୁବର୍ଣ୍ଣରେଖା ନଦୀରେ ଡ୍ୟାମ ନିର୍ମାଣ ବେଳେ ବିସ୍ଥାପିତ ହୋଇଥିବାବେଳେ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ଗ୍ରାମବାସୀ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କର ବିଭିନ୍ନ ଉନ୍ନୟନ ଯୋଜନାରୁ ବଞ୍ଚିତ ହୋଇଥିବାରୁ ଭୋଟ ବର୍ଜନ କରିବେ ବୋଲି ସ୍ଥାନୀୟ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

ସେହିପରି ରାଇରଙ୍ଗପୁର ସହରାଞ୍ଚଳ ଇଚିଣ୍ଡା ଏବଂ ଠାକୁରାଣିବେଡା ବସ୍ତି ଅଞ୍ଚଳବାସୀଙ୍କ ଯାତାୟତ ରାସ୍ତା ଏବଂ ବାଙ୍କବଳ ଜଳସେଚନ କେନାଲ ରାସ୍ତାକୁ ସ୍ଥାନୀୟ ଜନୈକ ଖଣି ବ୍ୟବସାୟୀ ଅବରୋଧ କରିଛନ୍ତି। ଏଥିନେଇ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନ ନିକଟରେ ଫେରାଦ ହୋଇଥିବାବେଳେ ପ୍ରଶାସନ ଶୁଣୁ ନ ଥିବାରୁ ସଂପୃକ୍ତ ବସ୍ତି ଅଞ୍ଚଳବାସୀ ଭୋଟଦାନରୁ ବିରତ ରହିବେ ବୋଲି ଜଣାଇଛନ୍ତି। ରାଇରଙ୍ଗପୁର ବ୍ଲକ ସୁଦର୍ଶନପୁର ଗ୍ରାମପଞ୍ଚାୟତ ମାର୍ଚାଗୋଡ଼ା, ଉଦୟପୁର ଗ୍ରାମବାସୀ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ ଯୋଜନାରୁ ବଞ୍ଚିତ ହୋଇ ମଧ୍ୟ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛି।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ

**ବେତନଟୀ,୨୫।୪(ଡି.ଏନ୍.ଏ.)**– ବେତନଟୀସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ରୌପ୍ୟ ଜୟନ୍ତୀ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରଥମ ଦିନ ଶ୍ରୀ ଅରବିନ୍ଦଙ୍କ ଜ୍ୟୋତି ପରିକ୍ରମା ପରେ ଦ୍ୱିତୀୟ ଦିବସ ସକାଳେ ୭ଟା ସମୟରେ ପତାକା ଉତ୍ତୋଳନ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରେଡ୍ ପ୍ରଦର୍ଶନ କରାଯାଇଥିଲା। ଏଥି ନେଇ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭୁବନେଶ୍ୱରର ସରୋଜକାନ୍ତ ମିଶ୍ର, ମୟୂରଭଞ୍ଜ ପାଠଚକ୍ର ଆନ୍ଦୋଳନର ସଭାପତି ଗଦାଧର ପରିଡା, ବାରିପଦାର ନୀଳକଣ୍ଠ ମିଶ୍ର, ମାର୍କୋଣାର ଧୀରେନ୍ଦ୍ର କୁମାର ବଳ (ଅଧ୍ୟକ୍ଷ), ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷା ଜୟଶ୍ରୀ ଉପାଧ୍ୟାୟ, ପୁରାତନ ଛାତ୍ର ସଂଗଠନର ସଭାପତି ପ୍ରବୀର ବାରିକ୍, ସମ୍ପାଦକ ଅନୁପ କୁମାର ଦଣ୍ଡପାଟ ମଞ୍ଚାସୀନ ଥିଲେ। ଅତିଥିମାନେ ଶ୍ରୀ ଅରବିନ୍ଦଙ୍କ ନୀତି ଆଦର୍ଶ ଓ ଆଧ୍ୟାତ୍ମିକ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସଭାସ୍ଥଳରେ ପୁରାତନ ଛାତ୍ର ସଂଗଠନର ସଦସ୍ୟା ସଦସ୍ୟ ବିଦ୍ୟାଳୟର ବିଦ୍ୟାଦାନ କରୁଥିବା ଅପା ଓ ଭାଇ ଏବଂ ଛାତ୍ରୀଛାତ୍ରଙ୍କ ସମେତ ବେତନଟୀର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ରୋଡ ଶୋ

**ଭଞ୍ଜକିଆ,୨୫।୪(ଡି.ଏନ.ଏ.)**

ଯଶିପୁର ବ୍ଲକ କଂଗ୍ରେସ ପକ୍ଷରୁ ରୋଡ ଶୋ ଅନୁଷ୍ଠିତ ହୋଇଯାଇଛି। ଯଶିପୁର ବିଧାନସଭା କ୍ଷେତ୍ରର କଂଗ୍ରେସ ବିଧାୟକ ପ୍ରାର୍ଥୀ ମହେନ୍ଦ୍ର ନାୟକ, ପୂର୍ବତନ ରାଜ୍ୟସଭା ସାଂସଦ ଶୁଶିଳା ତିରିଆ, ରାଜ୍ୟକାରିଣୀ ସଦସ୍ୟ କବୀର ଦାସ, ପ୍ରକାଶ ମହାନ୍ତି ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଯଶୀପୁର ରଘୁନାଥ ଜୀଉ ମଠରେ ପୂଜାର୍ଚ୍ଚନା କରି ରୋଡ୍ ଶୋରେ ବାହାରିଥିଲେ। ଯଶିପୁରର ଗଡତଳସାହି, ପଦ୍ମପୁର, ଭୂପଡ, ଗୌଡ ଗାଁ, ଯଶିପୁର ବଜାର ପରିକ୍ରମା କରି ଜାମଦା ସାହି ଓ ଯଶିପୁର ପଞ୍ଚାୟତରେ କର୍ମୀମାନେ ରୋଡ୍ ଶୋ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ରର ଅଭିନେତ୍ରୀ ମିସ୍ ନମ୍ରତା ସିଂ ରୋଡ ଶୋରେ ସାମିଲ ହୋଇ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ।


ରୋଡ ଶୋ ରେ କଂଗ୍ରେସ କର୍ମୀ।

## ଏସ୍‌ୟୁସିଆଇର ନିର୍ବାଚନୀ ସଭା

**ଯଶିପୁର,୨୫।୪(ଡି.ଏନ.ଏ.)**

ଯଶିପୁର ସଂରକ୍ଷିତ ବିଧାନସଭା ନିର୍ବାଚନମଣ୍ଡଳୀ (୨୬)ର ପୁରୁଣା ବସଷ୍ଟାଣ୍ଡଠାରେ ଗୁରୁବାର ଏସୟୁସିଆଇ (କମ୍ୟୁନିଷ୍ଟ) ଦଳ ପକ୍ଷରୁ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କମିଟି ସଦସ୍ୟ ସର୍ବେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦଳୀୟ ବିଧାୟକ ପ୍ରାର୍ଥୀ କମ୍ରେଡ ଶମ୍ଭୁନାଥ ନାଏକ, ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ କମିଟି ସଦସ୍ୟ ଧୁର୍ଜଟି ଦାସ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ଖଇରୀ ଭଣ୍ଡନ ବ୍ୟାରେଜ ନିର୍ମାଣ, ବାଦାମପାହାଡ–କେନ୍ଦୁଝର ରେଳ ସଂଯୋଗୀକରଣ, ଶିମିଳିପାଳରୁ ଜନବସତି ଉଚ୍ଛେଦ ବନ୍ଦ କରିବା, ଖିଚିଂକୁ ଜାତୀୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଜନ ବିରୋଧୀ ନୀତି ତଥା ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମିକ କଲ୍ୟାଣ ଓ ଚାଷୀମାନଙ୍କର ନ୍ୟାଯ୍ୟ ଦାବି ପୂରଣ କରାଯିବ ବୋଲି ନିର୍ବାଚନୀ ଇସ୍ତାହାରରେ ଘୋଷଣା କରିଥିଲେ। ଅଞ୍ଚଳର ବିକାଶ ପାଇଁ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରିବା ପାଇଁ ସଭାରେ ଯୋଗ ଦେଇଥିବା ନେତାମାନେ ନିବେଦନ କରିଥିଲେ। ଦଳୀୟ ସମର୍ଥକମାନେ ସ୍ଥାନୀୟ ହାଟପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରି ସଭାସ୍ଥଳରେ ପହଞ୍ଚିଥିଲେ।



ନିର୍ବାଚନୀ ସଭାରେ ଉପସ୍ଥିତ ଦଳୀୟ ସମର୍ଥକ।

# କାଞ୍ଜିପାଣି ଘାଟିରେ ବସକୁ ଧକ୍କା ଦେଲା ଟ୍ରକ୍

## ■ ଜଣେ ଶିଶୁ ମୃତ ■ ୨୧ ଆହତ


ଓଲଟିଥିବା ଯାତ୍ରୀବାହୀ ବସ୍।


ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଆହତମାନେ ।

**କେନ୍ଦୁଝର,୨୫।୪(ଡି.ଏନ.ଏ./ସ୍ୱ.ପ୍ର.)**

ବୁଧବାର ବିଳମ୍ବିତ ରାତିରେ ୪୯ ନଂ ଜାତୀୟ ରାଜପଥର କାଞ୍ଜିପାଣି ଘାଟିରେ ଏକ ଯାତ୍ରୀବାହୀ ବସକୁ ଏକ ଲୁହାପଥର ବୋଝେଇ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଥିବାବେଳେ ୨୧ଜଣ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ କଟକ ବଡ ଡାକ୍ତରଖାନା ପଠାଇ ଦିଆଯାଇଛି। ମିଳିଥିବା ଖବର ଅନୁସାରେ, ରାକେଶ ନାମକ ବସ୍‌ଟି କେନ୍ଦୁଝରରୁ ରାଉରକେଲା ଯାଉଥିବା ସମୟରେ କାଞ୍ଜିପାଣି ଘାଟିରେ ଏକ ୧୨ଚକିଆ ଲୁହାପଥର ବୋଝେଇ ଟ୍ରକ ଧକ୍କା ଦେଇଥିଲା। ଫଳରେ ବସଟି ରାସ୍ତାକଡରେ ଓଲଟି ପଡିଥିଲା। ବସରେ କେନ୍ଦୁଝର ଗୋପାଳପୁର ଅଞ୍ଚଳରୁ ରାଉରକେଲାକୁ ବାହାଘରରେ ଯୋଗଦେବାକୁ ଯାଉଥିବା ପୂର୍ଣ୍ଣିମା ତନ୍ତୀ ନାମକ ଜଣେ ମହିଳାଙ୍କ ୬ବର୍ଷର ଶିଶୁପୁତ୍ର ବସ୍ ଝରକା ପଟେ ଛିଟିକି ପଡିଥିଲା। ଏହି ସମୟରେ ପଛପଟେ ଧକ୍କା ଦେଇଥିବା ଟ୍ରକଟି ମଧ୍ୟ ଓଲଟି ପଡିଥିଲା। ଫଳରେ ଝରକା ପଟେ ଗଳି ପଡିଥିବା ଶିଶୁଟି ଉପରେ ଟ୍ରକଟି ଚାପି ହୋଇଯାଇ ଘଟଣାସ୍ଥଳରେ ଶିଶୁର ମୃତ୍ୟୁ ହୋଇଯାଇଥିଲା। ବସରେ ଥିବା ୪୦ଜଣ ଯାତ୍ରୀଙ୍କ ମଧ୍ୟରୁ ୨୧ଜଣ ଆହତ ହୋଇଥିଲେ। ଖବରପାଇ ସ୍ଥାନୀୟ ଦମକଳବାହିନୀ ଓ ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଓ ହେଲପର ଫେରାର୍ ଥିବା ଜଣାପଡିଛି। ପୋଲିସ ଏନେଇ ତଦନ୍ତ ଜାରି ରଖିଛି।

# କେନାଲ ନିର୍ମାଣରେ ବିଳମ୍ବ, ଯାତାୟାତ ବ୍ୟାହତ

**କେନ୍ଦୁଝର, ୨୫।୪(ସ୍ୱ.ପ୍ର.)**


ନିର୍ମାଣାଧୀନ କାନପୁର ଜଳ ଭଣ୍ଡାରର କେନାଲ।

କେନ୍ଦୁଝର ଜିଲାର ଯୋଡା ବ୍ଲକ ଅନ୍ତର୍ଗତ ବାସୁଦେବପୁର ଠାରେ ବୈତରଣୀ ନଦୀରେ ନିର୍ମାଣାଧୀନ କାନପୁର ଜଳ ଭଣ୍ଡାରର କେନାଲ ନିର୍ମାଣରେ ବିଳମ୍ବ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏହି କେନାଲ ଦ୍ୱାରା ଜିଲାର ବିଭିନ୍ନ ବ୍ଲକର ଗ୍ରାମାଞ୍ଚଳ ଚାଷ ଜମିରେ ପାଣି ମାଡିବ ବୋଲି ନିର୍ମାଣ କାମ ଚାଲିଛି। କେନାଲ ନିର୍ମାଣ ପାଇଁ ଅନେକ ସ୍ଥାନରେ ରାସ୍ତାକୁ କାଟି କାମ ଚାଲୁଛି। ମାତ୍ର କେନାଲ ନିର୍ମାଣ କାର୍ଯ୍ୟରେ ମନ୍ଥରତା ଗତି ଯୋଗୁଁ କେନାଲ ନିର୍ମାଣ ଶେଷ ହୋଇପାରୁନାହିଁ। ଫଳରେ ସାଧାରଣ ଲୋକ ଯାତାୟତ କରିବାରେ ସମସ୍ୟା ଭୋଗୁଛନ୍ତି।

ସଦର ବ୍ଲକ ଅନ୍ତର୍ଗତ ରାଇକଳା ପଞ୍ଚାୟତ ଟାଙ୍ଗରାଣି ଛକ ନିକଟରେ ୨୦ନଂ ଜାତୀୟ ରାଜପଥରୁ ଝୁମ୍ପୁରା ବଜାରକୁ ଯାଇଥିବା ରାସ୍ତାକୁ କାଟି ନିର୍ମାଣ ହୋଇଥିବା ଅସ୍ଥାୟୀ ଡାଇଭର୍ସନ ରାସ୍ତାର ନିର୍ମାଣ ହୋଇଛି। ଡାଇଭର୍ସନ ରାସ୍ତାଟି ପିଚୁ ନକରି ଖାଲି କେଲୁଅମାଟି ପକାଇଥିବାରୁ ଖରାରେ ଧୂଳି ଉଡି ଯାତାୟତରେ ସମସ୍ୟା ସୃଷ୍ଟି ହେଉଥବା ବେଳେ ସାମାନ୍ୟ ବର୍ଷାହେଲେ ରାସ୍ତା କାଦୁଅ ହୋଇ ଗାଡି ଯିବା ତ ଦୂରର କଥା ଖାଲିପାଦରେ ଯାତାୟତ ଅସୁରକ୍ଷିତ ହୋଇପଡୁଛି। ଆଗକୁ ବର୍ଷା ଋତୁ ଆସୁଥିବାରୁ ସ୍ଥାନୀୟ ଲୋକ ଚିନ୍ତାର ପଡିଯାଇଛନ୍ତି। ପାଖାପାଖି ୩ ମାସ ହେଲେ ଉକ୍ତ ରାସ୍ତା ଖୋଳାଯାଇଥିଲେ ହେଁ କାମ ଆରମ୍ଭ ହୋଇନାହିଁ। ଏହି ରାସ୍ତା କାମ ନ ସରିଲେ ଓ ଡାଇଭର୍ସନ ରାସ୍ତା ଧୋଇ ହୋଇଗଲେ ଝୁମ୍ପୁରା ବଜାରକୁ ଯାତାୟତ ବନ୍ଦ ହୋଇଯିବ ବୋଲି ସ୍ଥାନୀୟ ଲୋକ ଆଶଙ୍କା କରିଛନ୍ତି।

# ଫାଙ୍କା ପଡିଛି ଜଳ ବିତରଣ କେନ୍ଦ୍ର

**କେନ୍ଦୁଝର, ୨୫।୪(ଡି.ଏନ୍.ଏ.)**

ଗ୍ରୀଷ୍ମପ୍ରବାହକୁ ଲକ୍ଷ୍ୟ କରି କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ଖୋଲାଯାଇଥିବା ପାନୀୟ ଜଳ ବିତରଣ କେନ୍ଦ୍ର ସବୁ ଫାଙ୍କା ପଡିଥିବା ଲକ୍ଷ୍ୟ କରାଯାଉଛି। ଦିନକୁ ଦିନ ଟାଣ ଖରା ବଢିବାରେ ଲାଗିଛି। ଦିନ ୧୧ଟା ସମୟରେ ସହର ପୂରା ଖାଁ ଖାଁ ଲାଗୁଛି। ଲୋକଙ୍କୁ ଖରାଦାଉରୁ ରକ୍ଷା ପାଇଁ କେନ୍ଦୁଝର ପୌରପାଳିକା ପକ୍ଷରୁ ଖୋଲାଯାଇଥିବା ଜଳ ବିତରଣ କେନ୍ଦ୍ରରେ ପାଣି ନାହିଁ କି କର୍ମଚାରୀ ମଧ୍ୟ ନଥିବା ଦେଖାଯାଉଛି। କେବଳ ଟେଣ୍ଟ ଓ ମାଟି ହାଣ୍ଡି ଥିବାର ଲକ୍ଷ୍ୟ କରାଯାଉଛି।

## ସେଲ୍ଫି କର୍ଣ୍ଣର


@ ନରେଶ


@ ପ୍ରମୋଦ


@ ସଂଗ୍ରାମ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

**ଯୋଡ଼ା, ୨୫।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ବଡବିଲ ଜେଏମ୍ଏଫସି କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ପୋଲିସ କବଳରୁ ଫେରାର ହୋଇଯାଇଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଯୋଡା ଥାନା ସବଇନ୍ସପେକ୍ଟର ରଞ୍ଜିତ କୁମାର ପଟ୍ଟନାୟକଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ଯୋଡା ସହରର ଚେମେରି କ୍ୟାମ୍ପ ଠାରେ ରହୁଥିବା ମନୋଜ କାଳନ୍ଦୀ ନାମକ ଯୁବକ ବିଭିନ୍ନ ମାରଣାସ୍ତ୍ର ଏବଂ ବନ୍ଧୁକ ଦେଖାଇ ସହରରେ ଆତଙ୍କ ଖେଳାଉଥିଲା। ମନୋଜ କାଳନ୍ଦୀ ନାମରେ ୨୦୧୪ ମସିହାରେ ଯୋଡା ଥାନାରେ ୨୫(ସ)ଆର୍ମସ ଆକ୍ଟ ରୁଜୁ କରି କୋର୍ଟ ଚାଲାଣ କରାଯାଇଥିଲା। ବଡବିଲ ଜେଏମ୍ଏଫସି କୋର୍ଟ ଏହାର ବିଚାର କରି ୨୦୧୮ ମସିହାରେ ଅଭିଯୁକ୍ତ ମନୋଜ କାଳନ୍ଦୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ତାଙ୍କୁ କୋର୍ଟକୁ ନେବା ବେଳେ ସେ ଫେରାର ହୋଇଯାଇଥିଲେ। ପୋଲିସ ଏହାର ତଦନ୍ତ ଜାରି ରଖିଥିଲା। ଗୁରୁବାର ଝୁମ୍ପୁରା ଥାନା ଅଞ୍ଚଳରୁ ଗିରଫ କରାଯାଇଥିବା ସବଇନ୍ସପେକ୍ଟର ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଅନୁପ୍ରବେଶ ବନ୍ଦ ପାଇଁ ଜୁଆଙ୍ଗ ପୀଢ ମହାସଭାର ଦାବି

**କେନ୍ଦୁଝର, ୨୫।୪ (ସ୍ୱ.ପ୍ର.):** ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପଞ୍ଚମ ଅନୁସୂଚିତ ଅଞ୍ଚଳରେ କୌଣସି କାର୍ଯ୍ୟହେବା ପୂର୍ବରୁ ପାରମ୍ପାରିକ ଗ୍ରାମସଭା, ପଲ୍ଲୀସଭା ଓ ପଞ୍ଚାୟତ ସଭାର ସ୍ୱୀକୃତି ନେବା ଜରୁରୀ। ଏହା ମଧ ପେଷା ଆଇନ ୧୯୯୬, ୭୩ ତମ ପଞ୍ଚାୟତରାଜ ଅଧିନିୟମ ୧୯୯୩-୯୪, ସ୍ୱତନ୍ତ୍ର ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ସୁରକ୍ଷା ଆଇନ ୨୦୧୨ ଏବଂ ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ ତଥା ସଂଶୋଧିତ ଜଙ୍ଗଲ ଜମି ଅଧିକାର ଆଇନ ୨୦୧୨ ର ଧାରା ୩ ଉପଧାରା ୧ ରେ ଉଲ୍ଲେଖ ରହିଛି। ତେବେ ଏହାକୁ ଅନେକ ସମୟରେ ଖିଲାପ କରାଯାଉଥିବାରୁ ପାରମ୍ପାରିକ ଜୁଆଙ୍ଗ ପୀଢ ମହାସଭା, ଗୋନାସିକା ଜିଲାପାଳଙ୍କୁ ଲିଖିତ ଦାବି ପତ୍ର ଦେଇ ସୁରକ୍ଷା ଦାବି କରିଛନ୍ତି। ପାରମ୍ପାରିକ ଜୁଆଙ୍ଗପୀଢ ମହାସଭା ଆଇନ ଅନୁଯାୟୀ ୨୦୧୦ ମସିହାରୁ ଅଦ୍ୟାବଧି ଜୁଆଙ୍ଗପୀଢର ୬ ଉପପୀଢ ମଧ୍ୟରୁ ୩ ଉପପୀଢର ସ୍ୱୀକୃତି ପାଇବା ପାଇଁ ଉପଖଣ୍ଡ ସ୍ତରୀୟ ଜଙ୍ଗଲଜମି ଅଧିକା କମିଟିର ସଭାପତିଙ୍କ ଠାରେ ଦାବି କରିଆସୁଥିଲେ ହେଁ ସ୍ୱୀକୃତି ପାଉନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଣୁ ଏହା ଉପରେ ରୋକ ଲଗାଇବା ସହ ସେମାନଙ୍କ ସୁ ସଂଗଠିତ ପାରମ୍ପାରିକ ଶାସନ ବ୍ୟବସ୍ଥାକୁ ସୁରକ୍ଷା ଦେବା ସହ ସେମାନଙ୍କ ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟକୁ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ସୁରକ୍ଷା ଦେବାକୁ ମହାସଂଘର ପୀଢ ନଏକ ରଥକୁର ଜୁଆଙ୍ଗ, ଲକ୍ଷ୍ମଣ ଜୁଆଙ୍ଗ, ପୀଢ ପତି ଲକ୍ଷ୍ମୀଧର ଜୁଆଙ୍ଗ, ମାଧବ ଜୁଆଙ୍ଗ, ରନ ଜୁଆଙ୍ଗ, ଅର୍ଜୁନ ଜୁଆଙ୍ଗ ସମେତ ଲିଖିତ ନିବେଦନ କରିଛନ୍ତି।

### ବାଇକ ଦୁର୍ଘଟଣାରେ ଯୁବକ ଗୁରୁତର

**ତେଲକୋଇ, ୨୫।୪(ଡି.ଏନ.ଏ.):** ତେଲକୋଇ ଥାନା ଅନ୍ତର୍ଗତ ପିଟାନାଳୀ ପୋଲରେ ବାଇକ ଧକ୍କା ହେବା ଯୋଗୁଁ ବାଇକ ଚାଳକ ଗୁରୁତର ହୋଇ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ବାଇକ ଆରୋହୀ ହେଲେ ପାଲଲହଡା ଥାନା ଅନ୍ତର୍ଗତ କଣ୍ଟାବାହାଲି ଗ୍ରାମର ବିଜୁ ଷଣ୍ଢ (୩୦)। ସେ ଏକ ବାଇକ ଯୋଗେ ତେଲକୋଇ ଦେଇ ଚମ୍ପୁଆ ଅଭିମୁଖେ ଯାଉଥିବା ବେଳେ ପିଟାନାଳି ପୋଲ ବାଡାରେ ବାଡେଇ ହୋଇ ଗୁରୁତର ଅବସ୍ଥାରେ ପଡି ରହିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି।

### ଖୁଣ୍ଟାପିଙ୍ଗୁରେ ବାଦୀ ପାଲା

**ପାଟଣା,୨୫।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ସାହାରପଡା ବ୍ଲକ ମଲାରପଦା ପଞ୍ଚାୟତ ଖୁଣ୍ଟାପିଙ୍ଗୁ ଗ୍ରାମର ପାଲାମଣ୍ଡପ ଠାରେ ଗୁରୁବାର ଠାରୁ ୩ଦିନବ୍ୟାପୀ ବାଦୀପାଲା ଅନୁଷ୍ଠିତ ହେବ। ଯାଜପୁରର ସୁନାମଧନ୍ୟ ପାଲାଗାୟକ ରଞ୍ଜିତ ମିଶ୍ର ଓ ଜଗତସିଂହପୁରର ସନାତନ ଦାଶଙ୍କ ମଧରେ ଏହି ପାଲା ଅନୁଷ୍ଠିତ ହେବ। ବହୁ ସଂଖ୍ୟାରେ ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଦର୍ଶକ ଉପସ୍ଥିତ ରହି ପାଲା ଉପଭୋଗ କରିବାକୁ ପାଲା କମିଟିର ସଭାପତି ପର୍ଶୁରାମ ପଣ୍ଡା ଓ ସମ୍ପାଦକ ରଞ୍ଜନ କୁମାର ମହାନ୍ତ ଅନୁରୋଧ କରିଛନ୍ତି।

## ■ ଟ୍ରକ-ଡମ୍ପର ମୁହାଁମୁହିଁ

# ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର, ହେଲପର

**ଯୋଡ଼ା,୨୫।୪(ଡି.ଏନ.ଏ.)**


ଟ୍ରକ – ଡମ୍ପର ମୁହାଁମୁହିଁ ଧକ୍କା।

କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଲହଣ୍ଡା ଓଜନ କଣ୍ଟା ନିକଟ ରାସ୍ତାରେ ଗୁରୁବାର ଟ୍ରକ ଓ ଡମ୍ପର ମୁହାଁମୁହିଁ ଧକ୍କା ହେବାରୁ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଥିବା ଖବର ହସ୍ତଗତ ହୋଇଛି। ଗୁରୁବାର ଭୋର ପ୍ରାୟ ସାଢ଼େ ୫ଟାରେ ଏକ ଡମ୍ପର ନଂ ଓଆର୧୪ ଆର ୬୮୪୮ ଖଣ୍ଡବନ୍ଧ ସ୍ଥିତ ଏକ ଖଣିରୁ ଲୁହାପଥର ବୋଝେଇ କରି ବିଲେଇପଦାସ୍ଥିତ ଟାଟାସ୍ପଞ୍ଜ କାରଖାନା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ୧୨ ଚକିଆ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୧୨ ଚକିଆ ଟ୍ରକର ସମ୍ମୁଖ ଭାଗ ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ଡମ୍ପରଟି ଓଲଟି ପଡିଥିଲା । ଏହି ଘଟଣାରେ ଡମ୍ପର ଓ ଟ୍ରକର ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଥିବା ବିଲେଇପଦା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

# ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

**ଆନନ୍ଦପୁର,୨୫।୪(ସ୍ୱ.ପ୍ର.)**

ଆନନ୍ଦପୁର ସୀମାନ୍ତ ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଗୋଡଭଙ୍ଗା ଘାଟି ଠାରେ ଗୋଟିଏ ଟ୍ରକ୍ ଧକ୍କାରେ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଘସିପୁରା ଥାନା ତୋରାଣିଆପାଳ ଗ୍ରାମର ସାଗର ଜେନା ଓ ଖାଲପାଳ ଗ୍ରାମର ବିଶ୍ବ ଜେନା। ଉଭୟ ଠାକୁରମୁଣ୍ଡା ଅଭିମୁଖେ ଯାଉଥିବା ସମୟରେ ଘାଟି ନିକଟରେ ବିପରୀତ ପାର୍ଶ୍ୱରୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଉଭୟଙ୍କୁ ଆନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟାଅବସ୍ଥା ଅଧିକ ଖରାପ ହେବାରୁ ଉଭୟଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ସହାୟତା ଅପେକ୍ଷାରେ ଦିବ୍ୟାଙ୍ଗ ପତ

**ରାଇସୁଆଁ,୨୫।୪(ଡି.ଏନ.ଏ.)**


ଦିବ୍ୟାଙ୍ଗ ପତ ମାଝି।

ଦିବ୍ୟାଙ୍ଗଙ୍କ ଥାଇଥାନ ପାଇଁ ବହୁ ଯୋଜନା କରାଯାଉଛି। ମାତ୍ର ପ୍ରଶାସନିକସ୍ତରରେ କେତେକ ନେତାଙ୍କ ଦୁର୍ନୀତିଖୋର ମନୋଭାବ ଯୋଗୁଁ ବହୁ ଗରିବ ସରକାରଙ୍କ ଜନକଲ୍ୟାଣ ଯୋଜନାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡା ପଞ୍ଚାୟତର କୁଡିଆଘେରା ଗ୍ରାମର ପତମାଝୀଙ୍କ କ୍ଷେତ୍ରରେ। ପତମାଝୀ ଜନ୍ମରୁ ଦିବ୍ୟାଙ୍ଗ। ସେ ସମ୍ପୂର୍ଣ୍ଣ ଭାବେ କଥାବାର୍ତ୍ତା କରିପାରନ୍ତି ନାହିଁ। ତାଙ୍କର ଏପରି ଅବସ୍ଥା ଯୋଗୁଁ ସେ ଅବିବାହିତ ଅଛନ୍ତି। ତେବେ ଏହି ଅବସ୍ଥାରେ ତାଙ୍କୁ ତାଙ୍କ ଘର ଲୋକ ମଧ ପଚାରୁନାହାନ୍ତି। ଆଗରୁ ପର ଘରେ କାମଧନ୍ଦା କରି ଚଳୁଥିବାବେଳେ ବୟସାଧିକ ଯୋଗୁଁ ଶାରିରୀକ ଦୁର୍ବଳତା ଫଳରେ ସେ ଆଉ କିଛି କାମଧନ୍ଦା କରିପାରୁ ନାହାନ୍ତି। ଏବେ ପଡିଶା ଘରର ଲୋକମାନେ କିଛି ଦୟାକରି ଦେଲେ ଖାଇ ଚଳୁଥିବା ପଡୋଶି ଘରର ଲୋକ ମାନେ କହିଛନ୍ତି। ବୟସ ୭୦ ଟପିଗଲାଣି ମଧ ଆଜିଯାଏ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିପାରିନି ବୋଲି ତାଙ୍କ ପଡୋଶୀ ଲୋକେ ଅଭିଯୋଗ କରିଛନ୍ତି। ଅସହାୟ ଦିବ୍ୟାଙ୍ଗ ପତଙ୍କୁ ତୁରନ୍ତ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଜିଲାପ୍ରଶାସନ ନିକଟ ରେ ଦାବି କରିଛନ୍ତି।

## ବିଭାଗର ଦାୟିତ୍ୱହୀନତା

# ବିଦ୍ୟୁତ୍ ସଂସ୍ପର୍ଶରେ ଲାଇନ୍ ମ୍ୟାନ ଗୁରୁତର

**ଆନନ୍ଦପୁର, ୨୫। ୪(ସ୍ୱ.ପ୍ର.)**


ଗୁରୁତର ଆହତ ଲାଇନ୍ ମ୍ୟାନ ଯଶୋବନ୍ତ ବାରିକ।

ବିଦ୍ୟୁତ ଖୁଣ୍ଟରେ ଚଢି କାର୍ଯ୍ୟ କରୁଥିବା ସମୟରେ ବିଦ୍ୟୁତ ଆଘାତ ଲାଗି ଜଣେ ଲାଇନ୍ ମ୍ୟାନ ଗୁରୁତର ଆହତ ହୋଇଥିବା ଜଣାପଡିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ନେସ୍କୋ ଆନନ୍ଦପୁର ସେକସନ୍ କାର୍ଯ୍ୟାଳୟ ଅଧୀନ କେଶଦୁରାପାଳ ସବସେକସନ୍‌ର ଲାଇନ୍ ମ୍ୟାନ୍ ଯଶୋବନ୍ତ ବାରିକ ଆନନ୍ଦପୁର ସେକସନ୍‌ରୁ ସଟ୍‌ଡାଉନ୍ ନେଇ ଦେଓଗାଁ ଠାରେ ମରାମତି କାର୍ଯ୍ୟ କରୁଥିଲେ। ହେଲେ ହଠାତ୍ ଲାଇନ୍ ଚାର୍ଜ କରିଦିଆଯିବାରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଗୁରୁତର ଆହତ ଯଶୋବନ୍ତଙ୍କ କହିବା ଅନୁଯାୟୀ, ସେ ପୁନର୍ବାର ଲାଇନ୍ ଚାର୍ଜ କରିବାକୁ କହି ନ ଥିବାବେଳେ ହଠାତ୍ ଲାଇନ୍ ଚାର୍ଜ କରିଦିଆଯାଇଥିଲା। ଫଳରେ ସେ ବିଦ୍ୟୁତ୍ ଆଘାତ ପାଇଥିଲେ। ବିଦ୍ୟୁତ ବିଭାଗଭଳି ବିପଦପୂର୍ଣ୍ଣ କାର୍ଯ୍ୟରେ ଏଭଳି ଦାୟିତ୍ୱହୀନତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏ ବାବଦରେ ଆନନ୍ଦପୁର ନେସ୍କୋ ଅଧିକାରୀଙ୍କ ନିକଟରୁ ସନ୍ତୋଷ ଜନକ ଉତ୍ତର ମିଳିପାରିନି। ସେ କହିଛନ୍ତି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଶୋବନ୍ତଙ୍କ ଘର ଘସିପୁରା ଥାନା ଅତାସାହିରେ ବୋଲି ଜଣାପଡିଛି।

## ■ ଗାନ୍ଧୀ ଛକରେ ଦୂଷିତ ଡ୍ରେନ୍ ପାଣି

# ପ୍ରଶାସନର ନଜର ପଡୁନି

**କେନ୍ଦୁଝର, ୨୫।୪(ଡି.ଏନ୍.ଏ.)**


ଗାନ୍ଧୀ ଛକରେ ଭାସୁଥିବା ଡ୍ରେନ୍ ପାଣି।

କେନ୍ଦୁଝର ସହର ମଧ୍ୟରେ ଥିବା ଜନାକୀର୍ଣ୍ଣ ଅଞ୍ଚଳ ଭାବେ ପରିଗଣିତ ଗାନ୍ଧୀଛକ ଉପରେ ପୌରପାଳିକାର ଦୂଷିତ ଡ୍ରେନ୍ ପାଣି ଉଛୁଳି ରାସ୍ତା ଉପରେ ବୋହି ଯାଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଗାନ୍ଧୀଛକ ଅଞ୍ଚଳ କେନ୍ଦୁଝର ସଦର ମହକୁମାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଓ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୨୦୦ମିଟର ଦୂରରେ ହୋଇଥିଲେ ମଧ୍ୟ ଜିଲା ପ୍ରଶାସନର କିମ୍ବା ପୌର ପ୍ରଶାସନର ଦୃଷ୍ଟିରେ ନପଡିବା ପରିତାପର ବିଷୟ ବୋଲି ବୁଦ୍ଧିଜୀବି ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଭିତିଭୂମି ନ ଥାଇ ଖୋଲୁଛି ଶିକ୍ଷାନୁଷ୍ଠାନ

**ରାଇସୁଆଁ, ୨୫।୪(ଡି.ଏନ.ଏ.)**

■ ମନଇଚ୍ଛା ଅର୍ଥ ଆଦାୟ
■ କମିଚାଲିଛି ଛାତ୍ରୀଛାତ୍ରଙ୍କ ସଂଖ୍ୟା

ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ଭୁଶୁଡ଼ି ପଡ଼ିଛି। ସରକାର ଶିକ୍ଷା ବସ୍ଥା ପାଇଁ ବହୁ ନିୟମ ମାନକରିଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ସରକାରୀ କଲେଜ, ସରକାରୀ ବିଦ୍ୟାଳୟଗୁଡ଼ିକ ଖୋଲି କୋଟିକୋଟି ଟଙ୍କା ଖର୍ଚ୍ଚ କରି ଦରମା ଆକାରରେ ଦେଉଛନ୍ତି। ମାତ୍ର ସରକାରୀ କଲେଜ ଏବଂ ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅହେତୁକ ଭାବେ କମିଚାଲିଛି। ଶିକ୍ଷାବିଭାଗ ନିୟମ ଅନୁସାରେ ଏକ ବେସରକାରୀ ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ଆବଶ୍ୟକ ଭିତିଭୂମି ତଥା ନିଜସ୍ୱ ପାଠାଗାର, କମନରୁମ, ଖେଳପଡିଆ, ପାଇଖାନା, ପାନୀୟଜଳର ସୁବିଧା ଆଦି ଶିକ୍ଷାବିଭାଗର ଅନୁମତି ଆଣିବାକୁ ପଡେ ଏବଂ ଶିକ୍ଷାବିଭାଗ ଏହାର ସତ୍ୟତାଏବଂ ଭିତିଭୂମିକୁ ଯାଞ୍ଚ କରିବା ପରେ ଅନୁଷ୍ଠାନ ଖୋଲିବା ପାଇଁ ଅନୁମତି ଦେଇଥାନ୍ତି। କିନ୍ତୁ ଭିତିଭୂମି ନ ଥାଇ ବହୁ ବେସରକାରୀ ଶିକ୍ଷାନୁଷ୍ଠାନ ଖୋଲିବାକୁ ଅନୁମତି ଦେଇଛନ୍ତି ତାହା ଏକ ବିଚାର ଯୋଗ୍ୟ ବିଷୟ ବୋଲି ସ୍ଥାନୀଅଞ୍ଚଳର ବହୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଛାତ୍ରୀଛାତ୍ରଙ୍କ ଅଭିଭାବକ ମାନଙ୍କୁ ଆକୃଷ୍ଟ କରି ନିଜ ନିଜ ଶିକ୍ଷାନୁଷ୍ଠାନରେ ନାମ ଲେଖାଉଛନ୍ତି। ମନଇଚ୍ଛା ଅର୍ଥ ଆଦାୟ କରିବାରେ ବ୍ୟସ୍ତ ରହୁଛନ୍ତି। ଏହିପରି କେନ୍ଦୁଝର ଜିଲାରେ ଦେଖିବାକୁ ମିଳୁଛି ମାଳମାଳ ବେସରକାରୀ ଶିକ୍ଷାନସ୍ଥାନ। ଏହାଦ୍ୱାରା ଛାତ୍ରୀ ଛାତ୍ର ମାନେ ନାମ ଲେଖାଇ ଶୋଷଣର ଶିକାର ହେଉଛନ୍ତି ବୋଲି ବହୁ ଅଭିଭାବକ ମତପ୍ରକାଶ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଏବଂ ଶିକ୍ଷାବିଭାଗ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।